**ସମାଜବାଦୀ ପାର୍ଟି ବୈଠକ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ସାଂସ୍କୃତିକ ସମାଜ ଭବନଠାରେ ବୁଧବାର ସମାଜବାଦୀ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋହିଆ ବାହିନୀ ଜାତୀୟ ସମ୍ପାଦକ ପ୍ରଦୀପ ମିଶ୍ରଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଗଙ୍ଗାରାମ ବଛୋର ଉପସ୍ଥିତ ଥିଲେ। ୧୦ ସମ୍ପାଦକ ଓ ୫୧ ସଦସ୍ୟଙ୍କୁ ନେଇ କାର୍ଯ୍ୟକାରିଣୀ କମିଟି ଗଠନ ହୋଇଥିଲା। ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାର ଅସାମ୍ବିଧାନିକ କାର୍ଯ୍ୟ କରୁଥିବା ନେଇ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଅନୁଷ୍ଠାନର ଜିଲା ସଭାପତି ଅନୀଲ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ମତପ୍ରକାଶ ପାଇଥିଲା।

## ଆଜି କ'ଣ କେଉଁଠି

ସମ୍ବଲପୁର
- ବୈକୁଣ୍ଠ ଚତୁର୍ଦ୍ଦଶୀ ଓ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ, ମୁକ୍ତେଶ୍ୱର ଧାମ, ପୂର୍ବାହ୍ନ ୧୧ଟା।
- ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ପକ୍ଷରୁ ଧାରଣା, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ୩ ଗିରଫ

ସମ୍ବଲପୁର,୧୭।୧୧(ବ୍ୟୁରୋ): ସମ୍ବଲପୁର ଜିଲା ପୋଲିସ ଏକ ନାବାଳିକା ଅପହରଣ ମାମଲାର ପର୍ଦ୍ଦାଫାଶ କରିଛି। ରେଙ୍ଗାଲି ଥାନା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନିଶାନଭଙ୍ଗା ଗ୍ରାମର ଭାରତ ନାଏକ (୨୦), ତାଙ୍କ ବାପା ସାରଙ୍ଗ ନାଏକ (୪୫) ଓ ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲି କ୍ୟାମ୍ପର ଗ୍ରାମର ରାଜେନ୍ଦ୍ର ଧରୁଆ। ଅଭିଯୁକ୍ତମାନଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଆଗରେ ନାବାଳିକାଙ୍କ ୧୬୪ରେ ବୟାନ ରେକର୍ଡ ହୋଇଛି। ସୂଚନା ଅନୁସାରେ ନଭେମ୍ବର ୪ରେ ନାବାଳିକା ଅପହରଣ ନେଇ ତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ହେଲେ ପ୍ରାୟ ୧୦ ଦିନ ପରେ ମଧ ପୋଲିସ ହାତ ଖାଲି ରହିଥିଲା। ଏପରିସ୍ଥଳେ ହଠାତ୍ ଏକ ଅଜଣା ନମ୍ବରରୁ ନାବାଳିକାଙ୍କ ଭାଇଙ୍କ ପାଖକୁ କଲ ଆସିଥିଲା। ଅଭିଯୁକ୍ତ ୪ ଲକ୍ଷ ଟଙ୍କା ଦେଲେ ନାବାଳିକାଙ୍କୁ ଛଡାଯିବ ବୋଲି କହିଥିଲେ। ପୋଲିସ ପାଖରେ ଅଭିଯୋଗ କଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଅଭିଯୁକ୍ତଙ୍କ ଦାବି ମୁତାବକ ଟଙ୍କା ଦେବା ପାଇଁ ରାଜି ହେବାକୁ ପୋଲିସ ପରିବାର ବର୍ଗଙ୍କୁ କହିଥିଲା। ପରିବାର ବର୍ଗ ମଧ ରାଜି ହୋଇଥିଲେ। ପରଦିନ ପୁଣି ଫୋନ କଲ ଆସିଥିଲା। ନାବାଳିକାଙ୍କ ଭାଇ ଅଭିଯୁକ୍ତଙ୍କ ଜମା ଖାତାରେ ପ୍ରଥମେ ହଜାରେ ଟଙ୍କା ଦେଇଥିଲେ। ଅଭିଯୁକ୍ତ ଭାରତ ଅତାବିରା ନିକଟ ଏକ ଏଟିଏମ୍‌ରୁ ଟଙ୍କା କାଢି ନେଇଥିଲେ। ସେ ସମୟରେ ପୋଲିସ ତାଙ୍କୁ ଧରିବାରେ ବିଫଳ ହୋଇଥିଲା। ପରେ ଅଭିଯୁକ୍ତ ଫୋନ କରି ପୁଣି ଟଙ୍କା ଦାବି କରିଥିଲେ। ସେ ସମୟରେ ନାବାଳିକାଙ୍କ ଭାଇ ପୁଣି ୨ ହଜାର ଟଙ୍କା ତାଙ୍କ ଜମା ଖାତାକୁ ପଠାଇଥିଲେ। ରାତିରେ ଅଭିଯୁକ୍ତ ଭାରତ ଏକ ଏଟିଏମ୍‌ରୁ ଟଙ୍କା କାଢିବା ସମୟରେ ପୋଲିସ ତାଙ୍କୁ କାବୁ କରି ନେଇଥିଲା। ବହୁ ଖୋଜାଖୋଜି ପରେ ନାବାଳିକାଙ୍କୁ ପୋଲିସ ପୁରୁଣାପାନୀ ଗ୍ରାମ ଜଙ୍ଗଲରୁ ଉଦ୍ଧାର କରିବା ସହ ଅନ୍ୟ ଦୁଇ ଅଭିଯୁକ୍ତ ସାରଙ୍ଗ ଓ ରାଜେନ୍ଦ୍ରଙ୍କୁ ଗିରଫ କରିଥିଲା।

### ସମ୍ବଲପୁର ରେଳ ମଣ୍ଡଳରେ ୬୬ତମ ରେଳ ସପ୍ତାହ

ସମ୍ବଲପୁର,୧୭।୧୧(ବ୍ୟୁରୋ): ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ ପକ୍ଷରୁ ୬୬ତମ ରେଳ ସପ୍ତାହ ବୁଧବାର ରେଳବାଇ କମ୍ୟୁନିଟି ହଲଠାରେ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମ୍ବଲପୁର ମଣ୍ଡଳ ସର୍ବଦା ଉତ୍ତମ କାର୍ଯ୍ୟ କରି ପୁରସ୍କୃତ ହୋଇଆସୁଛି ବୋଲି କହିଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ଅଧକ୍ଷା ଈଶା ମଲ୍ଲିକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ କାର୍ମିକ ଅଧିକାରୀ ୟୁସୁଫ କବୀର ଅନସାରୀ କାର୍ଯ୍ୟକ୍ରମ କରିଚାଳନା କରିଥିବା ବେଳେ ସହାୟକ କାର୍ମିକ ଅଧିକାରୀ ଦିଗାମ୍ବର ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ବ୍ଲକ ଅଫିସ ଘେରାଉ

କୁଚିଣ୍ଡା,୧୭।୧୧(ଡି.ଏନ.ଏ.): ବିଭିନ୍ନ ଦାବି ନେଇ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ବୁଧବାର ବାମରା ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ବକେୟା ମଜୁରି ପ୍ରଦାନ, ସଠିକ ପରିଚାଳନା ଦାବି ନେଇ ବାମରା ବ୍ଲକ ସଭାପତି ପାତ୍ର ବାଘଙ୍କ ସଂଯୋଜନାରେ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ ବାବୁ, ସଙ୍ଗଠନର ମୁଖ୍ୟ ସଂଯୋଜକ ଜିନିତ ସାମାଦ, ହାବିଲ ଏକ୍କା, ସିମନ ସାମାଦ, ମାଙ୍ଗରା ସାଙ୍ଗା ଓ ବିରଞ୍ଚି ନିଖଣ୍ଡିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହାପରେ ସଙ୍ଗଠନ ପକ୍ଷରୁ ୭ ଦଫା ସମ୍ବଳିତ ସ୍ମାରକପତ୍ର ବାମରା ବିଡିଓ ଅଶ୍ୱିନୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା।

# ଅଭିନବ ଢଙ୍ଗରେ କ୍ୟାନ୍‌ସର ସଚେତନତା

**ସମଲେଇ ମନ୍ଦିରରେ ଜଳିଲା ସବୁଜ ଆଲୁଅ**
- ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଉତ୍କଣ୍ଠା ଅନୁଷ୍ଠାନର ପ୍ରୟାସ
- ମହିଳା କଲେଜରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୭।୧୧(ବ୍ୟୁରୋ)

ଦିନକୁ ଦିନ କ୍ୟାନ୍‌ସର ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚିନ୍ତା ପ୍ରକଟ କରିଛି। ବିଭିନ୍ନ ପ୍ରକାର କ୍ୟାନ୍‌ସର ଥିଲେ ମଧ ମହିଳାମାନଙ୍କ ଗର୍ଭାଶୟ କ୍ୟାନ୍‌ସର ରୋଗ ପ୍ରମୁଖ ସମସ୍ୟାର କାରଣ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୨୦୩୦ ସୁଦ୍ଧା ଏହି ଗର୍ଭାଶୟ କ୍ୟାନ୍‌ସର ରୋଗମୁକ୍ତ କରିବାକୁ ଯୋଜନା କରିଛି। ତେଣୁ ବିଭିନ୍ନ ଐତିହ୍ୟସ୍ଥଳରେ ସବୁଜ ଆଲୁଅ (ଟେଲ ଗ୍ରୀନ୍) ଲଗାଇ ସଚେତନ କରାଯାଉଛି। ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଇଙ୍କ ମନ୍ଦିରରେ ବୁଧବାର ସନ୍ଧ୍ୟାରେ ସବୁଜ ଆଲୁଅରେ ଆଲୋକୀକରଣ କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସହାୟତାରେ ଉତ୍କଣ୍ଠା ଅନୁଷ୍ଠାନର ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିମ୍‌ସାର ଡାକ୍ତର ସଞ୍ଜୀବ ମିଶ୍ର, ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ ପ୍ରଫୁଲ୍ଲ ହୋତା, ବୀରେନ୍ଦ୍ର ରାୟ, ଉତ୍କଣ୍ଠା ସଦସ୍ୟ ଫଣୀନ୍ଦ୍ର ପ୍ରଧାନ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ସମଲେଇ ମନ୍ଦିର ସବୁଜ ଆଲୁଅରେ ଝଲସୁଛି।

ପୂର୍ବରୁ ଉତ୍କଣ୍ଠା ପକ୍ଷରୁ ସମ୍ବଲପୁର ମହିଳା କଲେଜରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତର ମିଶ୍ର ଯୋଗଦେଇ କହିଥିଲେ, ଦେଶରେ ଗର୍ଭାଶୟ କର୍କଟ ରୋଗ ମହିଳାମାନଙ୍କ ମୃତ୍ୟୁର ଦ୍ୱିତୀୟ କାରଣ ହୋଇଛି। ମିଳିଥିବା ରିପୋର୍ଟ ଅନୁସାରେ ଏକବର୍ଷରେ ପ୍ରାୟ ୧ ଲକ୍ଷ ୨୪ ହଜାର ମହିଳା ଗର୍ଭାଶୟ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ ୭୮ ହଜାର ମହିଳାଙ୍କ ମୃତ୍ୟୁ ଘଟିଥାଏ। ସମଗ୍ର ବିଶ୍ୱରେ ଏହି ରୋଗରେ ପୀଡିତ ମହିଳାଙ୍କ ସଂଖ୍ୟାର ପ୍ରାୟ ୨୫ ପ୍ରତିଶତ କେବଳ ଭାରତର ମହିଳା ବୋଲି ସେ କହିଥିଲେ। ଭିମ୍‌ସାର ସହକାରୀ ପ୍ରଫେସର ଡାକ୍ତର ପ୍ରଣତି ପଟ୍ଟନାୟକ ଏହି ରୋଗର ଲକ୍ଷଣ, ପ୍ରତିକାର ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ରୋଗ ଲକ୍ଷଣ ଜଣାପଡିଲେ ଚିକିତ୍ସା କରି ଜଣେ ଭଲ ହୋଇପାରିବ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହି ରୋଗ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅଭିଯାନ ଆରମ୍ଭ ହେବାର ଗୋଟିଏ ବର୍ଷ ଅତିକ୍ରମ କରିଛି। ଆଗକୁ ମଧ ସମସ୍ତଙ୍କ ସହଯୋଗରେ ସଚେତନ କରାଯାଇ ରୋଗକୁ ସମ୍ପୂର୍ଣ୍ଣ ଲୋପ କରାଯିବ ବୋଲି ସେ କହିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ସେଠୀ ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟ ଅଧାପକମାନେ ସହଯୋଗ କରିଥିଲେ।

## ସମ୍ବଲପୁରରେ ଜାନୁୟାରୀ ୬ରୁ ପଲ୍ଲିଶ୍ରୀ ମେଳା

ସମ୍ବଲପୁର,୧୭।୧୧(ବ୍ୟୁରୋ)

ଜାନୁୟାରୀ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ପିଏଚ୍‌ଡି ପଡିଆ ଅଇଁଠାପାଲ୍ଲୀଠାରେ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ମେଳାରେ ୧୦୦ ଷ୍ଟଲ ବସିବା ସହିତ ବିଭିନ୍ନ ଜିଲାର ଏସ୍‌ଏଚ୍‌ଜି ସାମିଲ ହେବେ। ଗ୍ରାମାଞ୍ଚଳରେ ଉତ୍ପାଦିତ ଦ୍ରବ୍ୟ ବିକ୍ରୟକୁ ଅଗ୍ରାଧିକାର ଦେବା ନିମନ୍ତେ ମେଳାର ଆୟୋଜନ କରାଯାଉଛି। ବୁଧବାର ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର ରଞ୍ଜନ ଦାସ ମହାପାତ୍ର, ଡିଡବ୍ଲ୍ୟୁଓ ଭାଗିରଥି ପଟେଲ, ଏପିଡି ଡ. ମନୋରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଦ୍ୱାରା ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

କୁଚିଣ୍ଡା,୧୭।୧୧(ଡି.ଏନ.ଏ.)

କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଦ୍ୱାରା ବୁଧବାର କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତର କୁଡାପଡା ଗ୍ରାମରେ ନବନିର୍ମିତ ମିଶନଶକ୍ତି ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହାସହ ବିଧାୟକ ନାଏକ କୁଲେଇଗଡ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ, ହରିଜନ ସମାଜର କମ୍ୟୁନିଟି ସେଣ୍ଟର, ଗଡଡପଡାର ରାଧାକୃଷ୍ଣ ମଣ୍ଡପ ନିମାଣର ଭୂମିପୂଜନ କରିଛନ୍ତି।

ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଅରବିନ୍ଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଓଡ଼ିଶା ମୋ ପରିବାର ସଂଯୋଜକ ଅଜିତ ମହାପାତ୍ର, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ରାଏ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

## ଟାଟା ପାୱାର ବିରୋଧରେ ୱେସ୍କୋ ଯନ୍ତ୍ରୀଙ୍କ ଆନ୍ଦୋଳନ


ୱେସ୍କୋ ଇଞ୍ଜିନିୟରମାନେ ମହମବତି ଜାଳି ପ୍ରତିବାଦ ଜଣାଉଛନ୍ତି।

**ମହମବତି ଜାଳି ପ୍ରତିବାଦ କଲେ**

ସମ୍ବଲପୁର,୧୭।୧୧(ବ୍ୟୁରୋ)

ଟାଟା ପାୱାର ମନମୁଖି କାର୍ଯ୍ୟକୁ ପ୍ରତିବାଦ କରି ଗତ ୧୩ଦିନ ହେବ ୱେସ୍କୋ କର୍ମଚାରୀ ଓ ଅଧିକାରୀମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏହି କ୍ରମରେ ବୁଧବାର ଯନ୍ତ୍ରୀମାନେ ମହମବତୀ ଜାଳି ଅଫିସ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। କର୍ମଚାର ସଂଘ କର୍ମକର୍ତ୍ତା ଦର୍ଶାଇଛନ୍ତି, ଟାଟା ପାୱାର ପରିଚାଳନା କରିବା ପରେ ୱେସ୍କୋ ଅଧିକାରୀ ଓ କର୍ମଚାରୀଙ୍କୁ କମ୍ପାନୀ ଅବହେଳା କରିଚାଲିଛି। ପଦୋନ୍ନତି, ଚିକିତ୍ସା ଭତ୍ତା, କ୍ୟାଡର ପୁନଃ ଗଠନ, ସେକ୍ସନରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କୁ ଉଚ୍ଚ ପଦବୀରେ ଅବସ୍ଥାପିତ କରିବା ଭଳି ଦାବି ପୂରଣ କରାଯାଉନାହିଁ। ଏ ନେଇ ଆସନ୍ତା ୨୦ ତାରିଖରୁ ଆନ୍ଦୋଳନ ଜୋରଦାର ହେବ ବୋଲି ସାଧାରଣ ସମ୍ପାଦକ ଜଗନ୍ନାଥ ବାରିକ ଓ ସଭାପତି ପ୍ରଭାତ କୁମାର ହୋତା କହିଛନ୍ତି। ଅପରପକ୍ଷେ ଆନ୍ଦୋଳନକୁ ସମ୍ମତି ଜଣାଇ ଓପିଟିସିଏଲ, ଟିପିଏନ୍‌ଓଡିଏଲ, ଟିପିସିଓଡିଏଲ୍ ଡିଗ୍ରୀ ସଂଘ ମଧ ଟାଟା କମ୍ପାନୀକୁ ପତ୍ର ଲେଖିଛନ୍ତି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ମରାପତ୍ରା ଚାମ୍ପିୟନ


ଅତିଥିଙ୍କ ସହ ଖେଳାଳିମାନେ।

କୁଚିଣ୍ଡା,୧୭।୧୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତ ପୁରୁଣାପାଣି ଧକଧକି ଖେଳପଡିଆରେ ହୋଇଥିବା ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ବୀଣାପାଣି ଯୁବକ ସଂଘ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବଘିଆର୍ଣ୍ଣୋକୁ ୧–୦ ଗୋଲରେ ହରାଇ ମରାପତ୍ରା ଦଳ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ରାଜା ମହାପାତ୍ର, ଯଶୋବନ୍ତ ବାଘ, ପ୍ରେମ କିଶୋର ବାଘ ଓ ଠିନି ମାଝି ଖେଳ ପରିଚାଳନା କରିଥିଲେ। ଯୁବକ ସଂଘ ସଭାପତି ଧନେଶ୍ୱର କିସାନଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫିସହ ୭ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ।

## ଆପ୍‌ର ଜିଲା ସଂଯୋଜକଙ୍କ ନାମରେ ମାମଲା

**ଟ୍ରେନ୍ ଆଗକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଘଟଣା**

ରେଢାଖୋଲ,୧୭।୧୧(ଡି.ଏନ.ଏ.)

ରେଢାଖୋଲ ରେଳଷ୍ଟେଶନରେ ଗତ ଶନିବାର ରଞ୍ଜିତା ଧଳ ନାମ୍ନୀ ଯୁବତୀ ମାଲବାହୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ଭିନ୍ନ ମୋଡ ନେଇଛି। ମୃତଦେହ ନିକଟରେ ପଡିଥିବା ଯୁବତୀଙ୍କ ବ୍ୟାଗରୁ ଜିଆର୍‌ପି ଏକ ସୁଇସାଇଡ୍ ନୋଟ ଜବତ କରିବା ପରେ ଏହା ଏକ ପ୍ରେମ ପ୍ରତାରଣା ଜନିତ ଆତ୍ମହତ୍ୟା ବୋଲି ଜିଆର୍‌ପି ସ୍ପଷ୍ଟ କରିଥିଲା। ସୁଇସାଇଡ ନୋଟ୍‌ରେ ମୃତା ଯୁବତୀ ତାଙ୍କ ମୃତ୍ୟୁ ପାଇଁ ଆମ୍ ଆଦ୍‌ମି ପାର୍ଟିର ଜିଲା ସଂଯୋଜକ ଆନନ୍ଦ କୁମାର ସାମଲ ଦାୟୀ ବୋଲି ଉଲ୍ଲେଖ କରିଛନ୍ତି। ଏ ନେଇ ମୃତା ଯୁବତୀଙ୍କ ଭାଇ ରବୁନ ଧଳ ମଙ୍ଗଳବାର ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୧୫୭, ଦଫା ୩୭୬/୫୦୬/୩୦୬ରେ ମାମଲା ରୁଜୁ କରିଛି। ପୂର୍ବରୁ ତଦନ୍ତ କରୁଥିବାରୁ ଜିଆର୍‌ପିକୁ ମାମଲା ହସ୍ତାନ୍ତର କରାଯାଇଛି ବୋଲି ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି।

ରବୁନଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଭଉଣୀ ରଞ୍ଜିତା ଦେଢବର୍ଷ ହେବ ପାଠ ପଢିବା ପାଇଁ ରେଢାଖୋଲ ସହରରେ ରହୁଥିବା ସମ୍ପୃକ୍ତ ଆପ୍ ନେତା ସାମଲଙ୍କ ଘରେ ରହୁଥିଲେ। ସେ ବିବାହିତ ହୋଇଥିଲେ ମଧ ପିଲାଛୁଆ ନ ଥିବାରୁ ରଞ୍ଜିତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରେ ତାଙ୍କୁ ବିବାହ କରିବାକୁ କହିବାରୁ ଧମକ ଦେଇଥିଲେ। ତେଣୁ ସେ ବାଧହୋଇ ଆତ୍ମହତ୍ୟା କରୁଛନ୍ତି ବୋଲି ତାଙ୍କୁ ଫୋନରେ ଗତ ଶନିବାର କହିଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଘଟଣା ଦିନଠାରୁ ପରିବାର ବର୍ଗ ରେଢାଖୋଲ, ଚାରମାଳ ଓ ଜିଆର୍‌ପି ପାଖରେ ଅଭିଯୋଗ କରିବାକୁ ଯାଇଥିଲେ ହେଁ କେହି ଗ୍ରହଣ କରି ନ ଥିଲେ। ଶେଷରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଚାରମାଳ ପୋଲିସ ଅଭିଯୋଗ ଗ୍ରହଣ କରି ମାମଲା ରୁଜୁ କରିବା ସହିତ ଜିଆର୍‌ପିକୁ ତଦନ୍ତ ପାଇଁ ଦେଇଛି। ଏ ସମ୍ପର୍କରେ ମତାମତ ପାଇଁ ସମ୍ପୃକ୍ତ ଆପ୍ ନେତା ସାମଲଙ୍କ ୨ଟି ଫୋନ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ହେଁ ଫୋନ୍ ସୁଇଚ୍ ଅଫ୍ ଥିବାରୁ ସମ୍ଭବ ହୋଇପାରିନାହିଁ।

## ଆଇନ କଲେଜରେ ବଳିଦାନ ଦିବସ

**ଲଜପତ ରାୟ ଆଇନ କଲେଜକୁ ସ୍ୱୟଂଶାସିତ କରାଯିବ**

ସମ୍ବଲପୁର,୧୭।୧୧(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ଲଜପତ ରାୟ ଆଇନ କଲେଜକୁ ଶୀଘ୍ର ସ୍ୱୟଂଶାସନ କ୍ଷମତା ପ୍ରଦାନ କରାଯିବ। କଲେଜର ଏକ ପରିଚାଳନା କମିଟି ଗଠନ ସହ ଭିତ୍ତିଭୂମି ବିକାଶ ସକାଶେ ବିଶ୍ୱବିଦ୍ୟାଳୟ ଋଣ ଆକାରରେ ୧ କୋଟି ଟଙ୍କା ପ୍ରଦାନ କରିବ। ବୁଧବାର ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କ ୯୩ତମ ବଳିଦାନ ଦିବସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଏହା କହିଛନ୍ତି। ସେ ଆହୁରି କହିଥିଲେ, ଲାଲାଜୀଙ୍କ ତ୍ୟାଗପୂତ ଜୀବନକୁ ଅନୁସରଣ କରି ଛାତ୍ରୀଛାତ୍ର ରାଷ୍ଟ୍ରନିର୍ମାଣରେ ନିଜକୁ ଉତ୍ସର୍ଗୀକୃତ କରନ୍ତୁ। ଆଇନ ବିଷୟରେ ଜ୍ଞାନ ଆହରଣ ପରେ କର୍ମକ୍ଷେତ୍ରରେ ସାଧୁତା ପ୍ରଦର୍ଶନ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଆଇନ କଲେଜ ସଭା କକ୍ଷରେ ଅଧକ୍ଷ ବିଜୟାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଉତ୍ସବ ହୋଇଥିଲା। ସହକାରୀ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ଓ ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ କଲେଜ ପରିସରସ୍ଥ ଲାଲାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ଆଇନ କଲେଜ ପ୍ରାକ୍ତନ ଅଧକ୍ଷ ଡ. ଗିରିଜା ଶଙ୍କର ଶର୍ମା, ବଂଶୀଧର କର, କାର୍ତ୍ତିକ ପ୍ରସାଦ ବହିଦାର, ପ୍ରଜ୍ଞା ପଟ୍ଟନାୟକ ନିମନ୍ତ୍ରିତ ଅତିଥି ଥିଲେ।



ଲଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ଲଘୁଚାପ ବର୍ଷାରେ ପାଚିଲା ଧାନ ଗଜା

ନାକଟିଦେଉଳ,୧୭।୧୧(ଡି.ଏନ.ଏ.)

ଲଘୁଚାପଜନିତ ଅଦିନିଆ ବର୍ଷାରେ ନାକଟିଦେଉଳ ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହେବାକୁ ବସିଛି। ଗତ ଶନିବାରଠାରୁ ସୋମବାର ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଲଘୁଚାପଜନିତ ବର୍ଷା ହେବା ଫଳରେ ଧାନ ବିଲରେ ପାଣି ଜମିରହିଛି। ଧାନ ଗଛ ଭୂମିରେ ଲୋଟିଥିବା ବେଳେ କଟା ଧାନରେ ଗଜା ଉଠିଲାଣି। ଏହା ଦ୍ୱାରା ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ କିସିଣ୍ଡା ପଞ୍ଚାୟତର ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଧାନରୁ ଗଜା ବାହାରିଥିବାରୁ ଚାଷୀ ଯେଉଁ ପରିମାଣରେ ଉତ୍ପାଦନର ଆଶା ରଖିଥିଲେ ତାହା ମଉଳି ଯାଇଛି। ଧାନ ଅମଳର ୧୦ଦିନ ଭିତରେ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଚାଷୀ ଫସଲ ବୀମା ରାଶି ପାଇବାକୁ ହକଦାର ଥିବାବେଳେ ଏ ସମ୍ପର୍କରେ କିସିଣ୍ଡା ଖଦିବାହାଲର ଚାଷୀ କାହ୍ନୁଚରଣ ମାଝି ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିସହିତ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କ୍ଷତିଗ୍ରସ୍ତ ଚାଷୀମାନେ କିପରି ସୁବିଧାରେ ବୀମା ରାଶି ପାଇପାରିବେ ସେ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ଏ ଦିଗରେ ପଦକ୍ଷେପ ନେଇ ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।

## ଡିସେମ୍ବର ୧୭ରୁ ଦେବଗଡ଼ ଜିଲାରେ ଧାନ କିଣା


ବୈଠକରେ ଯୋଗଦେଇଥିବା ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

ଦେବଗଡ଼,୧୭।୧୧(ଡି.ଏନ.ଏ.)

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ବୁଧବାର ଦେବଗଡ଼ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ମୁଖ୍ୟ ଜିଲା କୃଷି ଅଧିକାରୀ, ଚାଷୀ ପ୍ରତିନିଧି ପ୍ରମୋଦ କୁମାର ଝାଙ୍କର, ଅଶୋକ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସାମଲ ୨୦୨୧–୨୨ ବର୍ଷ ନିମନ୍ତେ ଧାନକ୍ରୟ ସମ୍ବନ୍ଧୀୟ ନୀତି ନର୍ଦ୍ଧାରଣ ଉପରେ ଆଲୋକପାତ କରିଥିଲେ। ତିଲେଇବଣି ବ୍ଲକରେ ଡିସେମ୍ବର ୧୭, ବାରକୋଟ ବ୍ଲକରେ ଡିସେମ୍ବର ୨୨ ଓ ରିଆମାଳ ବ୍ଲକରେ ଡିସେମ୍ବର ୨୪ ତାରିଖରେ ଧାନକ୍ରୟ ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। 'ଏ' ଗ୍ରେଡ ଧାନ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ଓ 'ବି' ଗ୍ରେଡ ଧାନକୁ ୧୯୪୦ ଟଙ୍କାରେ କ୍ରୟ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଶେଷରେ ଏସିଏସଓ ବିରେନ୍ଦ୍ର ସୋରେଙ୍ଗ ଧନ୍ୟବାଦ ଦେଇଥିଲେ।

## ହକ୍ ପାଇଁ ଲଢ଼େଇ କରିବାକୁ ଆହ୍ୱାନ

କୋଲାବିରା,୧୭।୧୧(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ସମ୍ମିଳିତ ଆଦିବାସୀ ସଙ୍ଗଠନ ପକ୍ଷରୁ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ କୋଲାବିରା ବ୍ଲକ ପରମାଣପୁର ପଞ୍ଚାୟତର କାଳିବାହାଲଠାରେ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟଅତିଥି, ମହେନ୍ଦ୍ର ନାଏକ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଜିଲା ସଭାପତି ମାଧବ ସିଂ ନାଏକ, ମୁଖ୍ୟ ଉପଦେଷ୍ଟା ବୁନ୍ଦେ ଧରୁଆ, ଉପଦେଷ୍ଟା ରତ୍ନାକର ପଧାନ, ଉପସଭାପତି ଅଶୋକ ମାଝି, ଶ୍ୟାମଲାଲ ନାଏକ, ବୀରକିଶୋର ଧରୁଆ, ସଂଯୋଜକ ପ୍ରଭାକର ଓରାମ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତ ଆଦିବାସୀ ଭଉଣୀଭାଇ ହକ୍ ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ।


ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଛାତ୍ରୀଛାତ୍ରଙ୍କୁ ଭୋଟର ସଚେତନତା

ସମ୍ବଲପୁର,୧୭।୧୧(ବ୍ୟୁରୋ)

ସମ୍ବଲପୁର ସଦର ଉପଖଣ୍ଡ ଭିଏସ୍‌ଏସ୍ କଲେଜ ଧନକଉଡାଠାରେ ବୁଧବାର ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ ଓ ସଦର ତହସିଲଦାର ଲକ୍ଷ୍ମଣ ଅମାତ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଭୋଟର ସଚେତନତା କରିଥିଲେ। ପରମାଣପୁର ଝସକେତନ ସାହୁ କଲେଜଠାରେ ସହକାରୀ ଜିଲାପାଳ ସୁଶାନ୍ତ କୁମାର ସାହୁ ଉପସ୍ଥିତ ରହି ସଚେତନ କରିଥିଲେ। ୧୮ବର୍ଷ ହୋଇଥିବା କଲେଜ ଛାତ୍ରୀଛାତ୍ର ଭୋଟର ପଞ୍ଜିକରଣ, ଭୋଟର ହେଲ୍ପ ଲାଇନ ଆପ୍ସ ଦ୍ୱାରା କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧାପକ ଓ ଅଧାପିକା ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୁତ୍ରା,(ଡି.ଏନ.ଏ.)- ସୁନ୍ଦରଗଡ ଜିଲା ଜୁଡରାମୁଣ୍ଡାଠାରେ ଜିଲା ହକି ଆସୋସିଏଶନ ଦ୍ୱାରା ଆୟୋଜିତ ତିନିଦିନିଆ ବ୍ଲକସ୍ତରୀୟ ହକି ଟୁର୍ନାମେଣ୍ଟ ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। କିରିଙ୍ଗସେରା ସରପଞ୍ଚ ରମେଶ ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ନୋଡାଲ ଅଧିକାରୀ ଭାବେ ଜେରମନ ଲାକଡା ଓ ପର୍ଯ୍ୟବେକ୍ଷକ ଭାବେ ପାନପୋଷ ହକି ହଷ୍ଟେଲର କୋଚ ବିଜୟ ଲାକଡା ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୨୦ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ଉଦ୍‌ଘାଟନୀ ମ୍ୟାଚରେ ନୂଆଗାଁ ଦଳ ଜଉରାମୁଣ୍ଡା ଦଳକୁ ୫-୪ ଗୋଲରେ ପରାସ୍ତ କରି ବିଜୟ ଲାଭ କରିଥିଲେ । ସ୍ଥାନୀୟ ଯୁବକମାନେ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରୁଛନ୍ତି ।

**ସଂକ୍ଷେପରେ**

## ଚେନ୍ନାଇରୁ ଉଦ୍ଧାର ନାବାଳିକାଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ରାଉରକେଲା ଅଫିସ,୧୭।୧୧
ପ୍ଲାଣ୍ଟସାଇଟ ପୋଲିସ ଚେନ୍ନାଇରୁ ଜଣେ ନାବାଳିକାଙ୍କୁ ଉଦ୍ଧାର କରି ବୁଧବାର ସିଡବ୍ଲ୍ୟୁସିଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୪୨୦/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨ ତାରିଖରେ ନୟାବଜାର ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ଏ ନେଇ ଥାନାରେ ୪ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଗତ ୧୪ ତାରିଖରେ ଭୁପେନ୍ଦ୍ର ମାଝିଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ ଚେନ୍ନାଇ ଯାତ୍ରା କରିଥିଲେ। ସେଠାରେ ଚେନ୍ନାଇ ପୋଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଖୋଜିବା ପରେ ଏକ ହୋଟେଲରେ କାମ କରୁଥିବା ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ବୁଧବାର ରାଉରକେଲାରେ ପହଞ୍ଚିଥିଲେ। ପରେ ତାଙ୍କୁ ପୋଲିସ ବିଶ୍ରା ସିଡବ୍ଲ୍ୟୁସିରେ ହସ୍ତାନ୍ତର କରିଥିଲା।

## ବଡ଼ଗାଁରେ ଜାତୀୟ ପ୍ରେସ୍ ଦିବସ ପାଳିତ

ବଡ଼ଗାଁ,୧୭।୧୧(ଡି.ଏନ.ଏ.)-ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଗତ ମଙ୍ଗଳବାର ଦିନ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ ଓ ପ୍ରେସ୍ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନୁପ ବିଶି, ଲବଣୀଧର ପୃଷେଟ, କ୍ଷେତ୍ରବାସୀ ପଣ୍ଡା, ଅଶୋକ ଷଡଙ୍ଗୀ ଉପସ୍ଥିତ ଥିଲେ। ବ୍ଲକ କର୍ମଚାରୀ ଜିତେନ୍ଦ୍ର ବେହେରା ସଭା ପରିଚାଳନା କରିଥିଲା ବେଳେ ନାଏବ ସରପଞ୍ଚ କେଶବ କର୍ସେଲ ସହଯୋଗ କରିଥିଲେ।

## ପ୍ରଗତି ଦଳର ଆମରଣ ଅନଶନ ପ୍ରତ୍ୟାହୃତ

ସୁନ୍ଦରଗଡ,୧୭।୧୧(ଡି.ଏନ୍.ଏ.)- ବିଭିନ୍ନ ଦାବି ନେଇ ଓଡିଶା ପ୍ରଗତି ଦଳ ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକଠାରେ ଚାଲିଥିବା ଆମରଣ ଅନଶନ ବୁଧବାର ପ୍ରତ୍ୟାହୃତ ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓ ସଦର ଏସଡିପିଓ ମଧୁସ୍ମିତା ମିଶ୍ର ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ । ବାଲିଶଙ୍କରା ବ୍ଲକରେ ହାତୀ ଉପଦ୍ରବକୁ ରୋକିବା ,ଟାଙ୍ଗରଯୋର ଲଳିନ୍ଦ୍ର କାଲୋ ମୃତ୍ୟୁ ଘଟଣାର ଉପଯୁକ୍ତ ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ ଓ ସାର କଳାବଜାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଏହି ଅନଶନ ଚାଲିଥିଲା । ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

କୁତ୍ରା,୧୭।୧୧(ଡି.ଏନ.ଏ.)-କୁତ୍ରା କଂଗ୍ରେସ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳରେ ଶୀତର ପ୍ରକୋପ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟାରେ ରାଜଗାଙ୍ଗପୁର ବିଧାୟକ ଡ଼. ସି.ଏସ. ରାଜନ ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁତ୍ରା ବସଷ୍ଟାଣ୍ଡ ଓ ଆଖପାଖ ଅଞ୍ଚଳରେ ରହୁଥିବା ଗରିବ, ଅସହାୟ ଓ ନିରାଶ୍ରୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁତ୍ରା କଂଗ୍ରେସ ସଭାପତି ସନ୍ତୋଷ ବେହେରା, କୃଷ୍ଣ ବୁଡାଙ୍କ ସହିତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ନନ୍ଦିନୀ ମୁଣ୍ଡାରୀ ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ

ସୁନ୍ଦରଗଡ,୧୭।୧୧(ଡି.ଏନ୍.ଏ.)- ନନ୍ଦିନୀ ମୁଣ୍ଡାରୀ ସୋମବାର ସୁନ୍ଦରଗଡର ନୂତନ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ଅନିଲ କେରକେଟାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ କେରକେଟା ଓ କାର୍ଯ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ସେ ଏହାପୂର୍ବରୁ ସମ୍ବଲପୁରରେ ଅତିରିକ୍ତ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ।

# ଉଜୁଡ଼ିଲା ଚାଷ, ଚିନ୍ତାରେ ଚାଷୀ

**ଲଘୁଚାପ ବର୍ଷା ବିଘାତ**

ଲହୁଣୀପଡ଼ା,୧୭।୧୧(ଡି.ଏନ.ଏ.)

ନିକଟରେ ହୋଇଥିବା ଲଘୁଚାପ ବର୍ଷା ଯୋଗୁ ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଅଞ୍ଚଳରେ ଫସଲ ଉଜୁଡି ଯାଇଛି । ଏଥିଯୋଗୁ ଚାଷୀ ମହଲରେ ହତାଶାଭାବ ଖେଳିଯାଇଛି।

ପ୍ରକାଶ ଯେ, ଚଳିତବର୍ଷ ଚାଷୀମାନେ ବହୁ ପରିଶ୍ରମ କରି ଧାନ ଓ ପନିପରିବା ଚାଷ କରିଥିଲେ। ଭଲ ଅମଳ ହେବ ବୋଲି ଆଶା କରିଥିଲେ। ଅଧିକାଂଶ ଚାଷୀ ବିଭିନ୍ନ ଲ୍ୟାମ୍ପ, ବ୍ୟାଙ୍କ ଠାରୁ କୃଷି ଋଣ ଆଣିବା ସହିତ କୃଷି ଯନ୍ତ୍ରପାତି ,ସାର, କୀଟନାଶକ ପାଇଁ ଧାର, କରଜ କରିଥିଲେ। ଧାନ ଓ ପରିବା ଫସଲ ମଧ୍ୟ ଏକ ପ୍ରକାର ଭଲ ହୋଇଥିଲା। କିନ୍ତୁ ଦୁଇଦିନ ତଳେ ହୋଇଥିବା ଲଘୁଚାପ ଜନିତ ବର୍ଷାରେ ଧାନ ଓ ବିଭିନ୍ନ ପନିପରିବା ଫସଲ ନଷ୍ଟ ହୋଇଯାଇଛି । ଚାଷୀମାନେ ଧାନ କାଟି ବିଲରେ ପକାଇଥିଲେ। ବର୍ଷାପାଣିରେ ତାହା ବୁଡି ଯିବାରୁ ଧାନ ଗଜା ହେବା ଆଶଙ୍କା ସୃଷ୍ଟି ହୋଇଛି । ବିଭିନ୍ନ ସ୍ଥାନରେ ହୋଇଥିବା ପରିବା ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏବେ ବି ଖାଲୁଆ ଜମିରେ ପାଣି ଜମି ରହିଛି । ଚାଷୀମାନେ ବିଲରୁ ଧାନ କାଟିବା ସମ୍ଭବ ହୋଉ ନ ଥିବାରୁ ମାନସିକ ସ୍ତରରେ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି। ଫସଲ ଉଜୁଡି ଯିବାରୁ କରିଥିବା ଋଣ କିପରି ଶୁଝିବେ ସେହି ଚିନ୍ତା ଚାଷୀଙ୍କୁ ଘାରିଛି । ବର୍ଷା ଯୋଗୁ ଧାନ ଚାଷରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଦେବା ପାଇଁ ଚାଷୀ ମହଲରେ ଦାବି ହେଉଛି।



ବର୍ଷାରେ ଧାନ ଫସଲ ନଷ୍ଟ ହୋଇଯାଇଛି।

## ଜିଲାପାଳଙ୍କ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଜିଲାପାଳ , ବିଧାୟକ ଓ ଅନ୍ୟମାନେ ।

ରାଜଗାଙ୍ଗପୁର, ୧୭।୧୧(ଡି.ଏନ.ଏ.)

ବୁଧବାର ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବୁଡାମ୍ଭ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୁନ୍ଦରଗଡ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଦିବାସୀ ଅଧ୍ୟୁଷିତ ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବୁଡାମ୍ଭ, ଜରେଇକେଲା, ଛତାମ, ମାଲିଡିହି ଓ ବୁଚକୁପଡା ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ସମୀକ୍ଷା ହୋଇଥିଲା । ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ.ରାଜନ ଏକ୍କା ଉପସ୍ଥିତ ରହି ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ, ଏହି ଅଞ୍ଚଳରେ ହେଲଥ ସେଣ୍ଟର ନିର୍ମାଣ ଓ ଭାଙ୍ଗି ଯାଇଥିବା ହେଲଥ ସେଣ୍ଟର ମରାମତି କରି କାର୍ଯ୍ୟକ୍ଷମ କରିବା, ବିଦ୍ୟୁତ୍ ବିଭ୍ରାଟ, ମିଟର ରିଡିଂ ନ ନେଇ ମନମୁଖୀ ବିଲ ଦେବା,ଏକ ମିନି ବ୍ୟାଙ୍କ ଖୋଲା ହେବା, ବନ୍ଦ ରହିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ମେଗା ଜଳପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ମୋବାଇଲ ଟାୱାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲାପାଳ ଏହିସବୁ ସମସ୍ୟାର ସମାଧାନ କରିବା ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହି ବୈଠକରେ ରାଜଗାଙ୍ଗପୁର ବିଡିଓ ପୀୟୁଷ ଲୁହାର, ତହସିଲଦାର ଶରତ ବାଗ, ସୁନ୍ଦରଗଡ ଜିଲା ପିଏ ଆଇଟିଡିଏ, ଜିଲା ଯୁବ କଂଗ୍ରେସ ସଭାପତି ଆଇନଜୀବୀ ଆଲର୍ବଟ କିଣ୍ଡୋ ପ୍ରମୁଖ ଯୋଗ ଦେଇଥିଲେ ।

## ଗଣମାଧ୍ୟମ ପ୍ରତିନିଧି ସମାଜର ଜାଗ୍ରତ ପ୍ରହରୀ




ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ।

ସୁନ୍ଦରଗଡ,୧୭।୧୧(ଡି.ଏନ୍.ଏ.)

ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଜିଲାସ୍ତରୀୟ ଜାତୀୟ ପ୍ରେସଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ଭବନଠାରେ ଆୟୋଜିତ ସମାରୋହରେ ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମହାମାରୀ ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା – ଏକ ନୂତନ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଗଣମାଧ୍ୟମ ପ୍ରତିନିଧିମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ । ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସେମାନଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ଜିଲାପାଳ କହିଥିଲେ । ଚିକିତ୍ସାଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ଅନିଲ କୁମାର କେରକେଟା , ଜିଲା ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ମହମ୍ମଦ ସବୀର , ସଂପାଦକ ଦେବାଶୀଷ କବିଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଦେଇଥିଲେ ।

## ବୋଲବମ୍ ସେବା ସଂଘ ପକ୍ଷରୁ କମ୍ବଳ ବଣ୍ଟନ

ଲହୁଣୀପଡ଼ା,୧୬।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା କଲ୍ୟାଣମଣ୍ଡପଠାରେ ସୋମବାର ବୋଲବମ୍ ସେବା ସଂଘ ରାଜାମୁଣ୍ଡା ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଞ୍ଜନ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଡା. ଭୋଳେଶ୍ୱର ପ୍ରଧାନ, ଶଶୀ ଭୂଷଣ ମାହାନ୍ତ, ଲହୁଣୀପଡ଼ା ସରପଞ୍ଚ ଜୁଲିଆନି କାଣ୍ଡିର,ବିରଚନ୍ଦର ରାୟ, ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ବୋଲବମ୍ ସେବା ସଂଘ ସଭାପତି ରମେଶ କର ଅଧକ୍ଷତା କରିଥିବା ବେଳେ ପପୁ ଜିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ନିରନ୍ତର ସେବା କାର୍ଯ୍ୟ ଅନୁଷ୍ଠାନକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ନିଃସହାୟ ମହିଳା ପୁରୁଷ ଓ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଘ ପକ୍ଷରୁ ଦୁଇଜଣ ଯୁବ ସାମାଜିକ କର୍ମୀ ଅଶ୍ୱିନୀ କୁମାର ପାଲ, ଜିତେନ୍ଦ୍ର ରାୟଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଲିପୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଭାତ ରାଉତ, ମହେନ୍ଦ୍ର ପୁହାଣ, ରାଜା ଜୟସ୍ୱାଲ, ଚିନ୍ମୟ ଖଡ଼ିରତ୍ନ, ଗୋଲେଖ ସାଇଁ, ଗୋବିନ୍ଦ ବାରିକ, ଅଶୋକ ବେହେରା, ମିଥୁନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଉରକେଲାରେ ଜିଏସ୍‌ଟି ଟିମ୍‌ର ଚଢ଼ାଉ



ଜିଏସଟି ଅଫିସର ପକ୍ଷରୁ ଚଢ଼ାଉ କରାଯାଉଛି।

ରାଉରକେଲା ଅଫିସ,୧୭।୧୧

ରାଉରକେଲା ଜିଏସ୍‌ଟି କାର୍ଯ୍ୟାଳୟ ପକ୍ଷରୁ ସହରର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇଛି। ସହରର ରିଙ୍ଗରୋଡରେ ଥିବା ଏକ ଫର୍ନିଚର ଦୋକାନ ଓ ସିଙ୍ଗବିଲଡିଙ୍ଗସ୍ଥିତ ଗୋଦାମରେ ଜିଏସଟି ବିଭାଗର ୨ଟି ଟିମ୍ ଚଢ଼ାଉ କରିଥିଲେ। ସିଟି ଜିଏସ୍‌ଟି ଅଫିସର ସଂଗ୍ରାମ କେଶରୀ ସାହୁ ନେତୃତ୍ୱ ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଜିଏସ୍‌ଟି ଟିମ୍ ପ୍ରଥମେ ରିଙ୍ଗରୋଡରେ ଥିବା ଫର୍ନିଚର ଦୋକାନରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ସେହିଭଳି ସିଙ୍ଗବିଲଡିଙ୍ଗସ୍ଥିତ ଏକ ଫର୍ନିଚର ଗୋଦାମରେ ଅନ୍ୟ ଏକ ଦଳ ଯାଞ୍ଚ କରିଥିଲେ। ଉକ୍ତ ଦୋକାନରେ ଜିଏସ୍‌ଟିର ଇନପୁଟ ଓ ଆଉଟପୁଟ ଟ୍ୟାକ୍ସର ତାଳମେଳ ରହୁ ନ ଥିବା ଜଣାପଡ଼ିଥିଲା। ଏହି ଦୋକାନରେ କିଣାଯାଉଥିବା ବିଭିନ୍ନ ସାମଗ୍ରୀର ବିଲ ଓ ଅନେକ କାଗଜପତ୍ରକୁ ସିଟି ଜିଏସ୍‌ଟି ଟିମ କର୍ମଚାରୀମାନେ ଯାଞ୍ଚ କରିଥିଲେ।

## ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜନଜାତି ଗୌରବ ଦିବସ

ସୁନ୍ଦରଗଡ,୧୭।୧୧(ଡି.ଏନ.ଏ.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସ ରୂପେ ପାଳନ କରାଯାଇଛି। ପ୍ରଥମେ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ବିଦ୍ୟାର୍ଥୀ ପରିଷଦର ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧରୁଆ ସ୍ୱାଧୀନତା ଆନ୍ଦୋଳନରେ ବିର୍ସା ମୁଣ୍ଡାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସହ ସମ୍ପାଦକ ବିଜୟ କଲତା ସ୍ୱାଧୀନତା ଆନ୍ଦୋଳନରେ ଯୁବକ ଓ ଛାତ୍ରମାନଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ନଗର ସଭାପତି ଏସ.କେ. ନାୟକ ବର୍ତ୍ତମାନ ସମୟରେ ଛାତ୍ରମାନଙ୍କ ଭୂମିକା ଉପରେ କହିଥିଲେ। ଛାତ୍ରନେତା ସତ୍ୟ ମେହେର୍, ଚେରିସ ମିସ୍ତ୍ରୀ, ତୁଷାର ସା ଓ ଗୌରବ ରଥ ଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାହୁଲ ପ୍ରଧାନ, ହରିନାରାୟଣ ବେସାନ, ଦେବାଶିଷ ହାତୀ, ଏମ.କେ. ବାଗ, ଯଶୋବନ୍ତ ମହାକୁଳଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ରାଉରକେଲା ତାରିଣୀ ମନ୍ଦିର ପ୍ରସାଦକୁ ଭୋଗ ମାନ୍ୟତା

ରାଉରକେଲା ଅଫିସ,୧୭।୧୧

ରାଉରକେଲା ପାନପୋଷ ରୋଡ୍‌ସ୍ଥିତ ତାରିଣୀ ମନ୍ଦିର ପ୍ରସାଦକୁ ମିଳିଛି ଭୋଗ ମାନ୍ୟତା । ମନ୍ଦିର ପ୍ରସାଦ ପ୍ରସ୍ତୁତିରେ ସ୍ୱଚ୍ଛ ଓ ଶୁଦ୍ଧତା ପାଇଁ ଭାରତ ସରକାରଙ୍କ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଏହି ମାନ୍ୟତା ଦିଆଯାଇଛି। ଦେଶରେ ବିଭିନ୍ନ ସ୍ମାର୍ଟସିଟି ମଧ୍ୟରେ ସ୍ଥାନୀୟ ଖାଦ୍ୟ ପଦାର୍ଥକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ 'ଇଟ୍ ସ୍ମାର୍ଟସିଟି ଚାଲେଞ୍ଜ'ର ଆୟୋଜନ ହୋଇଥିଲା। ଏ ନେଇ ତାରିଣୀ ମନ୍ଦିର ସମିତି ପକ୍ଷରୁ ଏଫ୍‌ଏସ୍‌ଏସ୍‌ଏଆଇ ନିକଟରେ ଭୋଗ ପ୍ରମାଣପତ୍ର ଲାଗି ଆବେଦନ କରିଥିଲା। ଏହି ପ୍ରକ୍ରିୟାରେ ଭାରତ ସରକାରଙ୍କ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭୋଗ ପ୍ରସ୍ତୁତି କରୁଥିବା ତାରିଣୀ ମନ୍ଦିର ୨ଜଣ ପୂଜାରୀଙ୍କୁ ଅନ୍‌ଲାଇନରେ ତାଲିମ ପ୍ରଦାନ କରାଯାଇଥିଲା। ବିଭିନ୍ନ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ପ୍ରସାଦ କିପରି ସ୍ୱଚ୍ଛ, ବିଶୁଦ୍ଧ ଓ ସୁସ୍ଥ ହୋଇପାରିବ ସେଥିପାଇଁ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଏହି ପ୍ରମାଣପତ୍ର ବ୍ୟବସ୍ଥା କରାଯାଇଥିଲା। ଏହି ଭୋଗ ପ୍ରମାଣପତ୍ର ପାଇବାରେ ରାଉରକେଲା ତାରିଣୀ ମାତା ମନ୍ଦିର ଓଡ଼ିଶାରେ ପ୍ରଥମ ବୋଲି ଜଣାପଡ଼ିଛି। ଏ ନେଇ ରାଉରକେଲା ସ୍ମାର୍ଟସିଟି ସିଇଓ ତଥା ଏଡିଏମ ଦିବ୍ୟଜ୍ୟୋତି ପରିଡ଼ା ମନ୍ଦିର ପରିଚାଳନା କମିଟି ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପୌରାଞ୍ଚଳର ଉନ୍ନୟନ ପାଇଁ ଭାଜପା ଏସ୍‌ସି ମୋର୍ଚ୍ଚାର ଦାବି

ଦେବଗଡ଼,୧୭।୧୧(ଡି.ଏନ.ଏ.):

ଦେବଗଡ଼ ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବୁଧବାର ଦେବଗଡ଼ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ଜିଲାପାଳଙ୍କ ନିକଟରେ ଦାବି କରିଛି। ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜ(ଝୁନୁ)ଙ୍କ ନେତୃତ୍ୱରେ ଉପସଭାପତି ଶିବା ମୁଖି ଓ ସମ୍ପାଦକ ଦେବାନନ୍ଦ ନାୟକଙ୍କ ସମେତ ବହୁ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ୭ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୈନିକ ବଜାର ଓ ୯ନଂ. ୱାର୍ଡ ବାରଡା ଛକ ନିକଟରେ ପରିସ୍ରାଗାର ନିର୍ମାଣ, ନିଳବେର୍ଣ୍ଣୀ ସାହି ବାଇପାସ୍ ନିକଟରେ ଭୁତଳ ରାସ୍ତା ନିର୍ମାଣ ନ ହେବା ପର୍ଯ୍ୟନ୍ତ ଏକ ସ୍ପିଡ ବ୍ରେକର ନିର୍ମାଣ, ପୁରୁଣା ୬ନଂ. ଜାତୀୟ ରାଜପଥର ମରାମତି, ବିଭିନ୍ନ ୱାର୍ଡରେ ଥିବା ଶୌଚାଳୟକର ମରାମତି ଓ ପ୍ରଧାନପାଟ ସ୍ୱର୍ଗଦ୍ୱାରର ରକ୍ଷଣା ବେକ୍ଷଣ ପାଇଁ ଦାବି କରାଯାଇଛି।




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା ଏସ୍‌ସି ମୋର୍ଚ୍ଚା କର୍ମକର୍ତ୍ତା ।

## ବିଦ୍ୟାଳୟ ପରିଚାଳନା କମିଟିର ସ୍ୱାଗତ ସମ୍ବର୍ଦ୍ଧନା

କୁତ୍ରା,୧୭।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟର ନୂତନ ଭାବରେ ଗଠିତ ବିଦ୍ୟାଳୟ ପରିଚାଳନା କମିଟିର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ମୋ ସ୍କୁଲ ଅଭିଯାନର ସଭାପତି ଶଙ୍କର ପ୍ରସାଦ ଟପ୍ପୋ ଓ ନବ ନିର୍ବାଚିତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁଜୁର ଓ ଭାଇସ ଚେୟାରମ୍ୟାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ପରେ ନୂତନ ସଦସ୍ୟା ସଦସ୍ୟଙ୍କୁ ବିଜ୍ଞାନ ଶିକ୍ଷୟିତ୍ରୀ ଦିପୀକା କେର୍କେଟା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ବୈଠକ ପରିଚାଳନା କରିଥିଲେ । ବୈଠକରେ ବିଦ୍ୟାଳୟର ଉନ୍ନତି ବିଷୟରେ ଆଲୋଚନା ହୋଇଥିଲା । ବିଦ୍ୟାଳୟ ରୂପାନ୍ତରିକରଣ କାର୍ଯ୍ୟ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ସଦସ୍ୟାସଦସ୍ୟ ସଂକଳ୍ପ ନେଇଥିଲେ । ଶେଷରେ ଅନୱର ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ଗାଁ ଦେଇ ଗୋରୁ ଚୋରା ଚାଲାଣ

**ଭ୍ୟାନ୍ ଧକ୍କାରେ ଜଣେ ଆହତ**

ବଡ଼ଗାଁ,୧୭।୧୧(ଡି.ଏନ.ଏ.):

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗ୍ରାମ ଦେଇ ଗୋରୁ ଚାଲାଣ ଅବାଧରେ ଚାଲିଛି। ବୁଧବାର ଏକ ଗୋରୁ ବୋଝେଇ ପିକ୍ ଅପ୍ (ନଂଓଡି-୧୪ପି-୬୦୯୧) ଧକ୍କାରେ ଟିମନା ଗ୍ରାମର ମହାନ୍ତି ନାଏକ(୫୨) ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ୭ଟି ଗୋରୁଙ୍କୁ ଏକ ପିକ୍‌ଅପ୍ ଭ୍ୟାନ ରେ ନିଆଯାଉଥିଲା । କୌଣସି କାରଣରୁ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଟିମନା ଗ୍ରାମର ମହାନ୍ତିଙ୍କୁ ଧକ୍କା ଦେଇ ପରେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଓଲଟି ଯାଇଥିଲା। ଦୁର୍ଘଟଣା ପରେ ଭ୍ୟାନ୍ ଚାଳକ ସମେତ ଅନ୍ୟମାନେ ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ଭ୍ୟାନ୍‌ରୁ ଗୋରୁମାନଙ୍କୁ ଉଦ୍ଧାର କରିଛନ୍ତି । ସୂଚନାଯୋଗ୍ୟ ଯେ,ବଡ଼ଗାଁ ଦେଇ ଏସଏଚ୍-୧୦ରେ ବିଳମ୍ବିତ ରାତିରେ ଗୋରୁ ଛେଳି ବୋଝେଇ ଗାଡ଼ି ଯାଉଛି । ଏକମା ଓ ଟିମନା ଦେଇ ଗ୍ରାମାଞ୍ଚଳ ରାସ୍ତାରେ ପ୍ରତି ସପ୍ତାହରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଛି।



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ।

## ଆମ ପୋଲିସ କାର୍ଯ୍ୟକ୍ରମ

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଥାନାରେ ବୁଧବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ବିନିକା ଥାନା ଆଇଆଇସି ପବିତ୍ର କୁମାର ସାହୁ। ଏସ୍.ଆଇ ପୁଷ୍ପଲତା ଲେଙ୍କା ସଭା ପରିଚାଳନା କରିଥିଲେ। ପୋଲିସ ଓ ଜନତା ମଧ୍ୟରେ ସମନ୍ୱୟ ଠିକ ରହିଲେ ଅସାମାଜିକ କାର୍ଯ୍ୟକଳାପ ରୋକାଯାଇ ପାରିବ ବୋଲି କହିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ସାମାଜିକ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜୀରାନଦୀ କୂଳରେ ହେବ ରିଂ ରୋଡ୍

ବରଗଡ଼ ଅଫିସ୍,୧୭।୧୧: ବରଗଡ଼ ଜୀରାନଦୀ କୂଳେ ରିଙ୍ଗ ରୋଡ୍ ହେବ। ସହରର ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାରସ୍ଥିତ ସିରିଡ଼ି ସାଇ ମନ୍ଦିରରୁ ରୁହୁଣିଆଁ ପର୍ଯ୍ୟନ୍ତ ଏହି ରିଙ୍ଗରୋଡ୍ ହେବ। ଏଥିପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରଶାସନିକ ଅନୁମୋଦନ ମିଳିଛି। ନାବାର୍ଡ଼ ସହାୟତା ତଥା ବନ୍ୟା ନିୟନ୍ତ୍ରଣ ଯୋଜନା ୨୦୨୧-୨୨ରେ ଏଥିପାଇଁ ୨୯କୋଟି ୧୧ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବିଧାୟକ ଦେବେଶ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଧାୟକ ଆଚାର୍ଯ୍ୟ ଏହି ପ୍ରକଳ୍ପ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତେବେ ଏହି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିବା ପରେ ଜନସାଧାରଣଙ୍କ ପକ୍ଷରୁ ବିଧାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ତରଭା-ବଡ଼ଭଇଁରୋ ରାସ୍ତା ଶୋଚନୀୟ

ତରଭା,୧୭।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ସହରଠାରୁ ଫଟାମୁଣ୍ଡା-ବଡଭଇଁରୋ ରାସ୍ତା ଶୋଚନୀୟ ହୋଇ ପଡିଛି। ବିଶେଷ କରି ସିଲାଟିମୁଣ୍ଡା ଛକରୁ ଭାଲୁଡୁଙ୍ଗୁରୀ ପର୍ଯ୍ୟନ୍ତ ପ୍ରାୟ ୩କିମି ରାସ୍ତାରେ ଗମନାଗମନ କଠିନ ପରିସ୍ଥିତି ସୃଷ୍ଟି କରୁଛି। କଦଳିପାଲି ନିକଟ ରାସ୍ତାର ଏକାଧିକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ଘଟଣାର କାରଣ ସାଜିଛି। ଦୁଇବର୍ଷ ତଳେ ଏହି ରାସ୍ତା କାମ ହୋଇଥିଲା। ମରାମତି ପାଇଁ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ଅବିଳମ୍ବେ ଏହି ରାସ୍ତାର ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

### ଅର୍ଥନୀତି ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

ପଦ୍ମପୁର ୧୭।୧୧(ଡି.ଏନ.ଏ.): ବରଗଡ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଅଧକ୍ଷ ଡ.ଲଳିତେନ୍ଦୁ ନାୟକ ଏଥଇରେ ଅଧକ୍ଷତା କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଡ.ବିରଞ୍ଚି ସାହୁ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଅର୍ଥନୀତି ବିଭାଗରେ ଜ୍ଞାନ ଆହରଣ କରି ନିଜ କ୍ୟାରିଅର ଗଢିବାକୁ ପରାମର୍ଶ ଦେଇଥିଲେ। ଅଧାପକ ପ୍ରମୋଦ ପାଣିଗ୍ରାହୀ,ତାପସ ସାହୁ କଠିନ ପରିଶ୍ରମ, ଅଧବସାୟ ମାଧମରେ ନିଜର ଭବିଷ୍ୟତ ନିଜେ ଗଢିବାକୁ ମାର୍ଗଦର୍ଶନ ଦେଇଥିଲେ।

### ବର୍ଷାରେ ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର ଲୋକେ

ଲାଞ୍ଜିଗଡ଼,୧୭।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତସ୍ଥିତି ପ୍ରଧାନୀପଡାର ଡାଳ ହରିଜନଙ୍କ ଘର ମଙ୍ଗଳବାର ରାତିରେ ହୋଇଥିବା ବର୍ଷା ଓ ପବନରେ ଭାଙ୍ଗିଯାଇଛି। ଫଳରେ ଘରେ ଶୋଇଥିବା ଡାଳଙ୍କ ସ୍ତ୍ରୀ ମନଦେଈଙ୍କ ସହିତ ୨ ନାବାଳିକା ଝିଅ ଓ ଗୋଟିଏ ନାବାଳକ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘରେ ଥିବା ଆବାସ ପତ୍ର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଖବର ପାଇ ବୁଧବାର ଘଟଣାସ୍ଥଳରେ ବିଜେପୁର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି ପହଞ୍ଚି ପରିବାରଙ୍କୁ ସମବେଦନା ଜଣାଇଥିଲେ। ଏହି ପରିବାରଙ୍କୁ ଆବାସ ଯୋଜନାରେ ଘର ମଧ ମିଳିନାହିଁ। ବର୍ତ୍ତମାନ ଘର ଭୁଶୁଡି ପଡିବାରୁ ଏହି ପରିବାର ବେସାହାରା ହୋଇ ପଡିଛନ୍ତି। ପ୍ରଶାସନ ଏହି ଅସହାୟ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଛନ୍ତି।

### ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ଗୋଲାମୁଣ୍ଡା,୧୭।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମକରାଗୁଡା ବ୍ରିଜ୍‌ଠାରେ ଟ୍ରକ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଯେ, ଗୋଲାମୁଣ୍ଡା ବ୍ଲକ କାନ୍ଦୁଲଡଙ୍ଗରି ଗ୍ରାମର ସୁରେନ୍ଦ୍ର ତେଜି ଏବଂ କୁହୁରା ଗ୍ରାମର ନବୀନ ବାଗ ଚୁଡାପିସି ନିଜ ଗ୍ରାମକୁ ଫେରୁଥିବା ବେଳେ ମକରାଗୁଡା ବ୍ରିଜ୍‌ଠାରେ ଟ୍ରକ ଧକ୍କା ଦେବାରୁ ଦୁଇଜଣ ତଳେ ପଡ଼ି ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ପୁଣି ତେଜିଲା ଆନ୍ଦୋଳନ

**ଗୋବିନ୍ଦ କୁମ୍ଭାର ମୃତ୍ୟୁ ମାମଲା**

- ଏସ୍‌ପି ଅଫିସ ଆଗରେ ଧାରଣା, ରାସ୍ତାରୋକୋ
- ଆନ୍ଦୋଳନରେ ମୃତକଙ୍କ ପରିବାର
- ରାସ୍ତା ଉପରେ ମଧ୍ୟାହ୍ନ ଭୋଜନ

ବରଗଡ଼ ଅଫିସ୍,୧୭।୧୧


ଏସପି ଅଫିସ ସମ୍ମୁଖ ମୁଖ୍ୟରାସ୍ତାରେ ଧାରଣା, ରାସ୍ତାରୋକୋ।

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ତଦନ୍ତ ଏବେ ଶୀଥିଳ ହୋଇ ପଡ଼ିଛି। ରାଜ୍ୟ ମାନବାଧିକାର ସୁରକ୍ଷା ସେଲ(ଏଚ୍‌ଆରପିସି) ଏହାର ତଦନ୍ତ କରୁଛି। ମାତ୍ର ତଦନ୍ତରେ ଅଗ୍ରଗତି ହେବା ଭଳି ଅନୁଭବ ହେଉ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ଭୀମ ଆର୍ମି ନେତୃତ୍ୱରେ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମୃତକଙ୍କ ସ୍ତ୍ରୀ ରୁବି ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ସମେତ ଶତାଧିକ ଲୋକେ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ସହର ମୁଖ୍ୟରାସ୍ତାକୁ ଅବରୋଧ କରିଛନ୍ତି। ୬ଦଫା ଦାବି ନେଇ ଆନ୍ଦୋଳନ ଚାଲିଛି। ଗୋବିନ୍ଦ ମୃତ୍ୟୁ ମାମଲା ନେଇ ୫ଦିନ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ, ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯାନୁଷ୍ଠାନ ବିବରଣୀ ସାର୍ବଜନୀନ କରାଯିବା, ତଦନ୍ତ ରିପୋର୍ଟର କପି ଭୀମ ଆର୍ମିକୁ ପ୍ରଦାନ, ମାସକ ମଧ୍ୟରେ ମୃତ ଗୋବିନ୍ଦଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି, ବାସ ଉପଯୋଗୀ ଜମି ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ, ଦଳିତ ପୀଡ଼ିତଙ୍କୁ ସରକାରୀ ସହାୟତା ପ୍ରଦାନ ଦାବି କରାଯାଇଛି। ଏସପି ରାହୁଲ ଜୈନଙ୍କୁ ଏକ ସ୍ମାରକପତ୍ର ଦେବାକୁ ସେମାନେ ଏସପି ଅଫିସ ଆଗରେ ଆନ୍ଦୋଳନ ଚଳାଇଛନ୍ତି। ଏସ୍‌ପି ନ ପହଞ୍ଚିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି ଅଡ଼ି ବସିଥିଲେ। ପରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର ଘଟଣାସ୍ଥଳକୁ ଆସି ଆଗାମୀ ୧୫ଦିନ ମଧରେ ଦାବିଗୁଡିକ ବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ପୋଲିସ ଫୋର୍ସ ସହିତ ଉପସ୍ଥିତ ଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଭୀମ ଆର୍ମି ନେତୃତ୍ୱରେ ମୃତକଙ୍କ ପରିବାର, ସ୍ଥାନୀୟ ଲୋକେ ବରଗଡ଼ ଲୋକ ମଣ୍ଡପ ପଡ଼ିଆରେ ସମବେତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଏସ୍‌ପି ଅଫିସକୁ ଦିନପ୍ରାୟ ୨ଟାରେ ପହଞ୍ଚିଥିଲେ। ତେବେ ସେମାନେ ପହଞ୍ଚିବା ପୂର୍ବରୁ ଏସ୍‌ପି ଅଫିସ ମୁଖ୍ୟ ଫାଟକରେ ତାଲା ପକାଯାଇଥିଲା। ଫଳରେ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ସେମାନେ ଧାରଣାରେ ବସିଥିଲେ। ରାସ୍ତା ଉପରେ ବସି ମଧ୍ୟାହ୍ନଭୋଜନ କରିଥିଲେ। ଆନ୍ଦୋଳନସ୍ଥଳରେ ଏସ୍‌ପି ନ ପହଞ୍ଚିବା ପର୍ଯ୍ୟନ୍ତ ସେମାନେ ରାସ୍ତା ଉପରୁ ଉଠିବେ ନାହିଁ ବୋଲି ଅଡ଼ି ବସିଛନ୍ତି। ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ସମେତ ଦଳର ଅନ୍ୟ କାର୍ଯ୍ୟକର୍ତ୍ତା ଏହାର ନେତୃତ୍ୱ ନେଉଛନ୍ତି।

ଗତମାସ ୨୪ତାରିଖ ବିଳମ୍ବିତ ରାତିରେ ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କୁ ଉଠାଇ ଆଣିଥିଲା। ପରଦିନ ସକାଳେ ପରିବାର ଲୋକେ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପୋଲିସ ମାଡ଼ ଯୋଗୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ପୋଲିସ ଲାଠିମାଡ଼ କରିଥିଲା। ଘଟଣାର ବିଧିବଦ୍ଧ ତଦନ୍ତ, କାର୍ଯାନୁଷ୍ଠାନ ଦାବିରେ ବହୁଜନ ମିଳିତ ମଞ୍ଚ ସମେତ ବିଭିନ୍ନ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେହିପରି ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା(ରିଟ୍ ପିଟିଶନ) ଦାଏର୍ କରିଛନ୍ତି। ଏହାସତ୍ତ୍ୱେ ତଦନ୍ତ ଆଖିଦୃଶିଆ ହୋଇ ନ ଥିବା ଯୋଗୁ ଜନ ଅସନ୍ତୋଷ ବଢ଼ି ଚାଲିଛି।

## ପୋଲିସ କନଷ୍ଟେବଲଙ୍କ ଆତ୍ମହତ୍ୟା

ପଦ୍ମପୁର ୧୭।୧୧(ଡିଏନଏ)

ବରଗଡ ଜିଲା ପଦ୍ମପୁର ଆଦର୍ଶ ଥାନାରେ କାର୍ଯ୍ୟରତ କନଷ୍ଟେବଲ ପ୍ରକାଶ ପ୍ରଧାନଙ୍କ ମୃତଦେହ ଶାନ୍ତି ନଗର ବାସଭବନରୁ ବୁଧବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। କାର୍ତ୍ତିକ ମାସ ଯୋଗୁଁ ତାଙ୍କ ସ୍ତ୍ରୀ ଗାଧୋଇ ପୂଜା ପାଇଁ ଯାଇଥିଲେ। ଏହି ସମୟରେ ସେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ଉପଖଣ୍ଡ ପୋଲିସ ଅଧିକାରୀ ବିଭୁତି ଭୂଷଣ ଭୋଇ, ଥାନା ଅଧିକାରୀ ରାଜେନ୍ଦ୍ର ସିଅଲ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରେ ତାଙ୍କ ଜନ୍ମସ୍ଥାନ ବୁରୋମୁଣ୍ଡା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ ପୋଲିସ ଅଧିକାରୀଙ୍କ ସହ ଜିଲା କନଷ୍ଟେବଲ ସଂଘ ସଭାପତି ସୁଶୀଲ ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସାନ ଭାଇ ପ୍ରଭାତ ମୁଖାଗ୍ନି ଦେଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣା ପଡିନାହିଁ।

## କନପା ପର୍ଯ୍ୟଟନସ୍ଥଳୀକୁ ସବୁଦିନିଆ ରାସ୍ତା ନିର୍ମାଣ ଦାବି

ବାଉଁଶୁଣୀ,୧୭।୧୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଶଗଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡି କନପା ପର୍ଯ୍ୟଟନସ୍ଥଳୀକୁ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ବୁଲି ଆସିଥାନ୍ତି। ବିଶେଷ କରି ନୂଆବର୍ଷରେ ଅଧିକ ଭିଡ ଜମେ। ଏହି ସ୍ଥାନର ମନୋରମ ପ୍ରାକୃତିକ ପରିବେଶ କିଛି ସମୟ ପାଇଁ ଆନମନା କରିବା ସହ ବାନ୍ଧି ରଖେ। ଏହାଛଡା ବଣଭୋଜି କରିବା ପାଇଁ ପ୍ରକୃଷ୍ଟ ସ୍ଥାନ। ମାତ୍ର ଦୁଃଖର କଥା ଅଦ୍ୟାବଧି ଉକ୍ତ ସ୍ଥାନକୁ ଗମନାଗମନର ବିଶେଷ ବ୍ୟବସ୍ଥା ହୋଇ ପାରିନାହିଁ। ବର୍ତ୍ତମାନ ମନମୁଣ୍ଡା-ଶଗଡା ପୂର୍ତ୍ତବିଭାଗ ରାସ୍ତାର କନପା ଛକଠାରୁ ଯେଉଁ ରାସ୍ତା ଅଛି ସେହି ବାଟରେ ଯାନବାହାନ ନେଇ ପର୍ଯ୍ୟଟକ ଆସିଥାଆନ୍ତି। ମାତ୍ର ଶଗଡା ଗ୍ରାମଠାରୁ ଚୁହୁଲା ନାଳ ଦେଇ ଯେଉଁ ସର୍ଟ କଟ ରାସ୍ତା ଅଛି ତାହାର ରକ୍ଷଣା ବେକ୍ଷଣ କରାଯାଉ ନ ଥିବା ହେତୁ ପର୍ଯ୍ୟଟକମାନେ ୫ କିଲୋମିଟର ରାସ୍ତା ଅଧିକ ବୁଲି ଯାଉଥିବା ଦେଖାଯାଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ସୁବର୍ଣ୍ଣପୁର ସହରରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ

ସୋନପୁର,୧୭।୧୧(ନି.ପ୍ର.)



ସୁବର୍ଣ୍ଣପୁର ସହରରେ କିଛି ଦିନ ହେଲା ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଅନେକ ମାତ୍ରାରେ ବୃଦ୍ଧି ପାଇଛି। ସହରର ମୁଖ୍ୟରାସ୍ତାର କଚେରୀ ଛକ, ବସ୍‌ଷ୍ଟାଣ୍ଡ, କସ୍ତୁରୀ ହୋଟେଲ ଛକ, ବୁଢାରାଜା ଛକ, ବ୍ଲକ ଛକ, ଆମ୍ବେଡକର ଛକ, ବଡବଜାର, ତହସିଲ ଛକ ଓ ନଳିନୀ ଛକ ଆଦି ସ୍ଥାନରେ ବୁଲା କୁକୁରମାନେ ଦଳଦଳ ହୋଇ ରାସ୍ତାରେ ବୁଲୁଛନ୍ତି। କୁକୁର ପଲ ଯୋଗୁଁ ସନ୍ଧ୍ୟା ପରେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ସେହି ରାସ୍ତା ଦେଇ ଯାଉଥିବା ଛୋଟ ଛୁଆଙ୍କୁ କୁକୁର ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ପ୍ରାତଃ ଭ୍ରମଣ ଓ ସାନ୍ଧ୍ୟ ଭ୍ରମଣ ସମୟରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସାଙ୍ଗକୁ ଏକାକୀ ରାସ୍ତାରେ ଯାତାୟତ କରିବାକୁ ଭୟ କରୁଛନ୍ତି। ଜିଲାପାଳ ଅବୋଲି ସୁନିଲ ନାରଓ୍ୱଣେଙ୍କ ଉଦ୍ୟମରେ ଅଗଷ୍ଟ ୧୬ ତାରିଖରୁ ଜିଲାରେ ଗୋ ଶ୍ରଦ୍ଧା ଯୋଜନା ଆରମ୍ଭ ହୋଇଛି। ରାସ୍ତାରେ ବୁଲୁ ଥିବା ଗୋରୁଙ୍କୁ ଧରି କୋହ୍ଲପଡା କାଞ୍ଜିଆହୁଦାରେ ରଖାଯାଉଛି। ତେବେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବା ଓ ସେମାନଙ୍କ ପ୍ରାଦୁର୍ଭାବ ଏବେ ସହରବାସୀଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ୪୬ପ୍ରକଳ୍ପ ପାଇଁ ୩.୨୧କୋଟିର ପ୍ରସ୍ତାବ

ବରଗଡ଼ ଅଫିସ୍,୧୭।୧୧


ଅତାବିରା ବିଧାୟିକା ଜିଲାପାଳଙ୍କୁ ପ୍ରସ୍ତାବ ପତ୍ର ପ୍ରଦାନ କରୁଛନ୍ତି।

**ଅତାବିରା ଏନଏସି ଭିତ୍ତିଭୂମି ବିକାଶ ପାଇଁ ଭିଡିଓ କନଫେରେନ୍ସ**

ସହରାଞ୍ଚଳ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ମୁକ୍ତା ଯୋଜନାରେ ବରଗଡ଼ ଜିଲା ଅତାବିରା ଏନଏସି ଭିତ୍ତିଭୂମି ବିକାଶ ନିମନ୍ତେ ବୁଧବାର ଜିଲାପାଳ ଅଫିସ ପରିସରରେ ରହିଥିବା ଓସୱାନ ହଲରେ ଏକ ସ୍ୱତନ୍ତ୍ର ଭିଡ଼ିଓ କନଫେରେନ୍ସିଂ ହୋଇଥିଲା। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ୪୬ଟି ପ୍ରକଳ୍ପ ପାଇଁ ମୋଟ୍ ୩କୋଟି ୨୧ଲକ୍ଷ ଟଙ୍କାର ଏକ ପ୍ରସ୍ତାବ ମଞ୍ଜୁର କରିବା ପାଇଁ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ଅନୁରୋଧ କରିଥିଲେ। ଏହା ସହିତ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସେ ପ୍ରସ୍ତାବ ପତ୍ର ପ୍ରଦାନ କରିଥିଲେ।

ସେହି ପ୍ରସ୍ତାବ ମଧ୍ୟରେ ୫ଟି କ୍ଷୁଦ୍ର ଉଦ୍ୟାନ ପାଇଁ ୩୧ଲକ୍ଷ, ୩ଟି ପବ୍ଲିକ ଜିମ୍ ପାଇଁ ୧୩ଲକ୍ଷ, ୧୭ଟି ଚାଲିବା ରାସ୍ତା ପାଇଁ ୫୬ଲକ୍ଷ, ୩ଟି ଖେଳ ପଡ଼ିଆ ପାଇଁ ୮ଲକ୍ଷ, ୪ଟି ଶୌଚାଳୟ ପାଇଁ ୧୧ଲକ୍ଷ, ୨ଟି ରାସ୍ତାକଡ଼ ବିକ୍ରୟସ୍ଥଳୀ ପାଇଁ ୨୯ଲକ୍ଷ, ୮ଟି ରାସ୍ତା ଓ ଡ୍ରେନ ପାଇଁ ୧କୋଟି ୧୪ଲକ୍ଷ, ୪ଟି ରାସ୍ତା ପାଇଁ ୫୯ଲକ୍ଷ ଟଙ୍କା ରହିଛି। ତେବେ ଭିଡ଼ିଓ କନଫେରେନ୍ସିଂରେ ୫-ଟି ସଚିବ ପାଣ୍ଡିଆନ ସକରାତ୍ମକ ମନୋଭାବ ପୋଷଣ କରି ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ପାଇଁ ଆବଶ୍ୟକ ଅର୍ଥ ୭ଦିନ ମଧ୍ୟରେମଞ୍ଜୁର ହେବ ବୋଲି ପ୍ରକାଶ କରିଥିଲେ। ଭିଡ଼ିଓ କନଫେରେନ୍ସିଂ ବେଳେ ଜିଲାପାଳ ବାନାର୍ଜୀ, ନିର୍ବାହୀ ଅଧିକାରୀ ଡ ସତ୍ୟନାରାୟଣ ତାଣ୍ଡି, ପାର୍ଥସାରଥି ପଣ୍ଡା, ଜତିନ କୁମାର ଦାଶ, ଏନଏସି ଅଧ୍ୟକ୍ଷା ଦୀପାଞ୍ଜଳୀ ଭୋଗସାଗର, ବ୍ଲକ ଅଧ୍ୟକ୍ଷା ରୀତା ସାହୁ, କାଉନସିଲର ଆରତୀ ନାୟକ, ବନମାଳୀ ବରିହା, ରଘୁନାଥ ବରିହା, ମନୋଜ ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅତାବିରା ଓସୱାନରେ ଜ୍ୟୋସ୍ନାମୟୀ ଦାଶ, ଜ୍ୟୋସ୍ନାମୟୀ ଗଡ଼ତିଆ ପ୍ରମୁଖ ଯୋଗ ଦେଇଥିଲେ।

## ମା ବସ୍ତ୍ରେନ ଫୁଟବଲ: ବିଛୁବାହାଲି ଚାମ୍ପିୟନ

କଣ୍ଟାବାଞ୍ଜି, ୧୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଲ ଗ୍ରାମରେ ଚାଲିଥିବା ମା ବସ୍ତ୍ରେନ ଜିଲାସ୍ତରୀୟ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବିଛୁବାହାଲି ଓ କଣ୍ଟାବାଞ୍ଜି ରେଳବାଇ ମଧରେ ହୋଇଥିଲା। ଏଥିରେ ବିଛୁବାହାଲି ୪-୩ ଗୋଲରେ କଣ୍ଟାବାଞ୍ଜିକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଲକ୍ଷ୍ମଣ ବାଗ, ସମ୍ମାନୀତ ଅତିଥିଭାବେ ଖଗସା ସରପଞ୍ଚ ସୁଦର୍ଶନ କଟା, ତୁରେକେଲା ବ୍ଲକ ଉପାଧକ୍ଷା ନୌକେଶି ସିପ୍‌କା, ଭାଜପା ତୁରେକେଲା ମଣ୍ଡଳ ସଭାପତି ହରିଶ୍ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଚାମ୍ପିୟନ ବିଛୁବାହାଲି ଦଳକୁ ମୁଖ୍ୟ ଅତିଥି ଟ୍ରଫି ସହ ୧୦ହଜାର ଓ ରନର୍ସ ଅପ କଣ୍ଟାବାଞ୍ଜିକୁ ଟ୍ରଫି ସହ ୭ହଜାର ଟଙ୍କା ସହ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ବସ୍ତ୍ରେନ ଫୁଟବଲ କ୍ଲବ ସଭାପତି ଖିତିରାମ ଗଏଁତା, ସମ୍ପାଦକ ତେଜୁରାମ ବେହେରା, ଉପସଭାପତି ରମାକାନ୍ତ ମାଝି, ସଭ୍ୟ କୁମାର ସାହୁ, ସୁଦନ ମାଝି ପ୍ରମୁଖ ସହଯୋଗ କରିଥିଲେ।

## ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ବୈଠକ

ପାଇକମାଳ, ୧୭।୧୧(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ସଦସ୍ୟ ଓ ଅତିଥି।

ବରଗଡ ଜିଲା ନୃସିଂହନାଥ ବିନ୍ଧ୍ୟବାସିନୀ ଅତିଥି ଭବନ ପରିସରରେ ବୁଧବାର ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ଏକ ବୈଠକ ମହାସଂଘ ଉପସଭାପତି ଭରତ ଚନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଡ ଶତପଥୀ, ମୁଖ୍ୟବକ୍ତା ମଣ୍ଟୁ ବେହେରା, ସମ୍ମାନୀତ ଅତିଥି ସହଦେବ ବାଗ, ଚୌବର୍ଗ ସାହୁ ଯୋଗଦେଇ କର୍ମଚାରୀଙ୍କ ସୁରକ୍ଷା ଓ ଜନସାଧାରଣଙ୍କ ସହ ସୁସମ୍ପର୍କ ରଖି ଉତ୍ତମ ସେବା ପ୍ରଦାନ ଉପରେ ମତ ରଖିଥିଲେ। ହିରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ହୋଇ ପାଇକମାଳ ଓ ଝାରବନ୍ଧ ସେକ୍ସନର ନୂତନ ଭାବେ କାର୍ଯ୍ୟରତ ୬୦ କର୍ମଚାରୀ ଏହି ସଂଘରେ ଯୋଗଦେଇଥିଲେ।

## ଥାନାରେ ଫେରାଦ ହେଲେ ନେତାଜୀ କ୍ଲବ ସଭ୍ୟ

ବିନିକା,୧୭।୧୧(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଳ ନେତାଜୀ କ୍ଲବର ଶତାଧିକ ସଦସ୍ୟ ବୁଧବାର ବିନିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଗତମାସ ୧୭ତାରିଖ ବିଳମ୍ବିତ ରାତିରେ ଚୋରମାନେ ନେତାଜୀ କ୍ଲବ ଘର କବାଟ ଭାଙ୍ଗି ଏକ ଏଲ୍‌ଇଡି ଟିଭି ସହ ଅନ୍ୟାନ୍ୟ ଖେଳ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ବିନିକା ଥାନାରେ କ୍ଲବ ପକ୍ଷରୁ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ହେଲେ ଏହା ପରଠାରୁ ଗ୍ରାମର ଜଣେ ଯୁବକ ବିନା କାରଣରେ କ୍ଲବ ପିଲାଙ୍କୁ ଗାଳିଗୁଲଜ କରିବା ସହିତ ଧମକ ଚମକ ଦେଉଛନ୍ତି। ସମ୍ପୃକ୍ତ ଯୁବକଙ୍କ ନାମରେ ସେମାନେ ଅଭିଯୋଗ କରିଛନ୍ତି। ବିନିକା ଥାନା ଆଇଆଇସି ପବିତ୍ର କୁମାର ସାହୁ ଅଭିଯୋଗକୁ ଆଧାର କରି ଗୁରୁବାର ସୁଦ୍ଧା ସମ୍ପୃକ୍ତ ଯୁବକଙ୍କୁ ଧରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜମି ବିକ୍ରିବେଳେ ଚାଷୀ ହଇରାଣ

ବରଗଡ଼ ଅଫିସ୍,୧୭।୧୧


ଚାଷୀମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**କାର୍ଯାନୁଷ୍ଠାନ ଦାବିରେ ଜିଲାପାଳଙ୍କୁ ଫେରାଦ**

ଜମି ବିକ୍ରିବେଳେ ରେଜିଷ୍ଟ୍ରେସନ ପାଇଁ ଚାଷୀମାନେ ବରଗଡ଼ ସବ୍ ରେଜିଷ୍ଟ୍ରାର ଅଫିସକୁ ଯିବା ସମୟରେ ସେମାନଙ୍କୁ ନାନା ଆଳ ଦେଖାଇ ହଇରାଣ ହରକତ କରାଯାଉଛି। ଏଭଳି ଅଭିଯୋଗ ନେଇ ବୁଧବାର କେତେକ ଚାଷୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ଏ ନେଇ ବିହିତ କାର୍ଯାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି।

ବାହାଘର, ଚିକିତ୍ସା, ଚାଷ ତଥା ଚାଷୀ ଉପକରଣ କିଣିବା ପାଇଁ ଚାଷୀମାନେ ନିଜ ଜମିର ଛୋଟଭାଗ ବିକ୍ରି ପାଇଁ ଚାହୁଁଛନ୍ତି। ଏଥିପାଇଁ ସେମାନେ ସବ ରେଜିଷ୍ଟ୍ରାର ଅଫିସରେ ଆବେଦନ କରୁଛନ୍ତି। କିନ୍ତୁ ଏହି ଛୋଟଭାଗ ବିକ୍ରି ପାଇଁ ଉକ୍ତ ଅଫିସ କର୍ତ୍ତୃପକ୍ଷ ରିୟଲ ଷ୍ଟେଟ୍ ରେଗୁଲାଟୋରୀ ଅଥୋରିଟି(ରେରା) ଏବଂ ଟାଉନ ପ୍ଲାନିଂ ଅନୁମତି ଆଣିବାକୁ କହୁଛନ୍ତି। ଅପରପକ୍ଷେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବିନା ଟାଉନ ପ୍ଲାନିଂ, ଫାୟାର କ୍ଲିୟରେନ୍ସରେ ନିର୍ମାଣ କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ କରୋନା ମହାମାରୀ ସମୟରେ ଚାଷୀଙ୍କ କ୍ଷେତ୍ରରେ ରେରା, ଟାଉନ ପ୍ଲାନିଂ କଟକଣା ଲାଗୁ କରାଯିବା ସମୀଚୀନ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ଆଗକୁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଧର୍ମରାଜ ଭୋଇ, ଉମାକାନ୍ତ ଭୋଇ, ମାନସ ରଞ୍ଜନ ମହାକୁର ଉପସ୍ଥିତ ଥିଲେ।

## ବୁଢ଼ାଡଙ୍ଗର କ୍ରିକେଟ: ଦେଓଗାଁ ଚାମ୍ପିୟନ

ଦେଓଗାଁ,୧୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଝାରମୁଣ୍ଡା ଖେଳପଡିଆରେ ଚାଲିଥିବା ବୁଢ଼ାଡଙ୍ଗର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦେଓଗାଁ ଓ ସାଲେପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଦେଓଗାଁ ଦଳ ଚାମ୍ପିୟନ ହୋଇଥିଲା। ଖେଳକୁ ଭୋଳାନାଥ ସାହୁ ଓ ରାଜିନ ପଟ୍ଟନାୟକ ପରିଚାଳନା କରିଥିଲେ। ଅବନୀକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ବହିଦାର, ବିରେନ ଦଲାଇ, ସମିତି ସଭ୍ୟ ଟିକେଚନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବୁଢ଼ାଡଙ୍ଗର କ୍ରିକେଟ ଟିମର ସମସ୍ତ ସଦସ୍ୟମାନେ ଟୁର୍ନାମେଣ୍ଟର ସଫଳ ଆୟୋଜନରେ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## ୨୪ ପ୍ରହର ନାମଯଜ୍ଞ

ବାଉଁଶୁଣୀ,୧୭।୧୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଗଡଭିତର ଗ୍ରାମରେ ବୁଧବାରଠାରୁ ଆରମ୍ଭ ହୋଇଛି ଚବିଶ ପ୍ରହର ନାମଯଜ୍ଞ। ଏହି ଉପଲକ୍ଷେ ମଙ୍ଗଳବାର କଳସ ଶୋଭାଯାତ୍ରା ହୋଇ ପୂଜାମଣ୍ଡପରେ ପହଞ୍ଚିବା ପରେ ନାମ ସଂକୀର୍ତ୍ତନ ସହ ଅଧିବାସ ଅନୁଷ୍ଠିତ ହୋଇଥିଲା। ସକାଳେ ନାମାରମ୍ଭ କରାଯାଇଛି। ୨୦ ତାରିଖ ସକାଳେ ନାମଯଜ୍ଞର ପୂର୍ଣ୍ଣାହୁତି ହେବ। ବିଭିନ୍ନ ଅଞ୍ଚଳରୁ ୨୫ ସଂକୀର୍ତ୍ତନମଣ୍ଡଳୀକୁ ନିମନ୍ତ୍ରଣ କରାଯାଇଛି। କର୍ତ୍ତାଭାବେ ଅଶୋକ ମହାକୁଳ କାର୍ଯ୍ୟ ତୁଲାଉଛନ୍ତି। ବୁଧବାର ଗଡଭିତର ସଂକୀର୍ତ୍ତନ ମଣ୍ଡଳୀ ଅଧିବାସ କରିଥିଲେ। ଦୁଇବର୍ଷ ହେଲା କୋଭିଡ ଯୋଗୁ ନାମଯଜ୍ଞ ବନ୍ଦ ରହିଥିଲା। କଟକଣା କୋହଳ ହେବା ପରେ ନାମଯଜ୍ଞ ହେବାରୁ ସନ୍ଧ୍ୟା ସମୟରେ ଲୋକଙ୍କ ସମାଗମ ଦେଖିବାକୁ ମିଳିଛି।

## ବର୍ଷାଜଳ ଅମଳ, ଭୂତଳ ଜଳ ଭରଣ ସମ୍ପର୍କିତ ତାଲିମ ଶିବିର

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଟେର୍ଚ୍ଚାପଲାଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ବୁଧବାର ବର୍ଷାଜଳ ଅମଳ ଓ ଭୂତଳ ଜଳ ଭରଣ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧନ କର୍ମୀ ଭାବେ ଦେବେନ୍ଦ୍ର ମହାଲିଙ୍ଗ ଯୋଗ ଦେଇ ବର୍ଷା ପାଣିକୁ କିପରି ଠିକ ବ୍ୟବହାର କରାଯାଇ ପାରିବ, ସେ ଉପରେ ବିଭିନ୍ନ କୌଶଳଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏଥିରେ ବିଭିନ୍ନ ଗାଁରୁ ତିରିଶରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ସାହୁ, ସାମନ୍ତ ଦୀପ, ନନ୍ଦି କିଶୋର ମାଝି, ଗୋପୀନାଥ ମାଝି, ଆକାଶୀ ମାଝି, ଦୀପ୍ତି ରେଖା ମାଝି, ଦେବଶ୍ରୀ ମାଝି, ପୁଷ୍ପା ଭୋଇ, ସସ୍ମିତା କୁମାର, ପ୍ରତିମା ଜାଲ, ଦିବ୍ୟା ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଧାନ ଫସଲ ଉଜାଡ଼ିଲେ ହାତୀପଲ



ଦେଓଗାଁ,୧୭।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର, ଗାଇବାହାଲ, ଉପରଝର, ମକୁନ୍ଦପୁର , କୁଲୁତାପଡା ଆଦି ପଞ୍ଚାୟତରେ କିଛିଦିନ ହେଲା ହାତୀ ଉପଦ୍ରବ ଦେଖାଦେଇଛି। ହାତୀପଲ ଚାଷୀଙ୍କ ଅମଳ ଅବସ୍ଥାରେ ଥିବା ଧାନ ଓ ପରିବା ଚାଷକୁ ଖାଇ ଦଳିଚକଟି ଦେଉଛନ୍ତି। ଦେଓଗାଁ ଅଞ୍ଚଳକୁ ଆସିଥିବା ହାତୀପଲ ବୁଧବାର ଝାରମୁଣ୍ଡା ନିକଟ ପାହାଡ ପାଦଦେଶରେ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରଛନ୍ତି। ପଲରେ ୧୬ଟି ହାତୀ ରହିଛନ୍ତି। ଜମିରେ ରହିଥିବା ଧାନକୁ ବଞ୍ଚାଇବା ପାଇଁ ଚାଷୀମାନେ ଏକତ୍ରିତ ହୋଇ ରାତି ଉଜାଗର ରହୁଛନ୍ତି। ୫ଦିନ ତଳେ ଏହି ହାତୀପଲ ରାଏପାଲି ଗାଁରେ ଧାନଚାଷ ନଷ୍ଟ କରିଥିଲେ । ଉପରଝର, ଫଟାମୁଣ୍ଡା, ଖର୍ସେଲଡୁଙ୍ଗୁରୀ, ଘୁଚିପାଲି ଗାଁରେ ଚାଷୀଙ୍କ ଧାନ ଫସଲକୁ ଦଳିଚକଟି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବନବିଭାଗ ଏଲିଫ୍ୟାଣ୍ଟ ସ୍କ୍ୱାଡ ଉକ୍ତ ଗାଁଙ୍କୁ ଯାଇ ହାତୀ ଘଉଡାଇବା ପାଇଁ ପ୍ରୟାସ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯାଗ କରିଛନ୍ତି। ସୂଚନାନୁସାରେ ବୌଦ୍ଧ ଜିଲା ବାରପାହାଡ ଜଙ୍ଗଲରୁ ତେଲନଦୀ ପାର ହୋଇ ହାତୀପଲ ଦେଓଗାଁ ବ୍ଲକ ଅଞ୍ଚଳକୁ ପଶି ଆସୁଛନ୍ତି।

### ସନ୍ଦେହରେ ୫ ଯୁବକଙ୍କୁ ପଚରାଉଚୁରା

**୨୬ନଂ ରାଜପଥରେ ଆକ୍ରମଣ, ଲୁଟ ଘଟଣା**

ଦେଓଗାଁ,୧୭।୧୧(ଡି.ଏନ.ଏ): ବରଗଡ-ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥ ସଇଁନ୍ତଲା ଥାନା ଅନ୍ତର୍ଗତ କରେଲଧୁଆ ବ୍ରିଜ ନିକଟରେ ସୋମବାର ଜନୈକ ଠିକାଦାର ଆକ୍ରମଣ ଓ ଲୁଟର ଶିକାର ହୋଇଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ରହିଥିବା ସନ୍ଦେହରେ ୫ଜଣ ଯୁବକଙ୍କୁ ଦେଓଗାଁ ଥାନା ପୋଲିସ ବୁଧବାର ଅଟକ ରଖି ପଚରାଉଚୁରା କରୁଛି। ସଇଁନ୍ତଲା ପୋଲିସ ଦେଓଗାଁ ଥାନାରୁ ଅଟକ ଯୁବକମାନଙ୍କୁ ନେଇ ଅଧିକ ପଚରାଉଚୁରା କରୁଛି । ସୂଚନାନୁସାରେ ସୋମବାର ସନ୍ଧ୍ୟାରେ ସଇଁନ୍ତଲାର ଯୁବ ଠିକାଦାର ଗରୁଡଧ୍ୱଜ ନାଗ ଦେଓଗାଁରୁ ଘରକୁ ଫେରୁଥିବା ବେଳେ କରେଲଧୁଆ ବ୍ରିଜ ନିକଟରେ ୪ଜଣ ଯୁବକ ତାଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ । ପରେ ତାଙ୍କଠାରୁ ୭ହଜାର ଓ ମୋବାଇଲ ଲୁଟି ଫେରାର ହୋଇ ଯାଇଥିଲେ। ଥାନାରେ ମାମଲା ରୁଜୁ ହେବାପରେ ପୋଲିସ ତଦନ୍ତ ଚଳାଇଥିଲା। ବୁଧବାର ଦେଓଗାଁ ବଙ୍ଗଳା ନିକଟରେ ଛକି ରହିଥିବା କେତେକ ଅଜଣା ଯୁବକଙ୍କୁ ସନ୍ଦେହରେ ସ୍ଥାନୀୟ ଯୁବକ ପଚରାଉଚୁରା କରିବାବେଳେ ସେମାନେ ଚମ୍ପଟ ମାରିବା ପ୍ରୟାସ କରିଥିଲେ । ହେଲେ ସ୍ଥାନୀୟ ଯୁବକ ସେମାନଙ୍କୁ ଧରି ପୋଲିସ ଜିମା ଦେଇଥିଲେ ।

### ସଡ଼କ ଦୁର୍ଘଟଣାରେ ସୁଶୀଳ ପଣ୍ଡାଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୧୭।୧୧: ବଲାଙ୍ଗୀର ରୁଗୁଡିପଡା ନିବାସୀ ତଥା ଅତଏବ ସମ୍ପାଦକ ସୁଶୀଳ କୁମାର ପଣ୍ଡା



ତାମିଲନାଡୁର ଚେନ୍ନାଇ ସହରରେ ଏକ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। କିଛିଦିନ ତଳେ ତାଙ୍କ ମାତାପିତାଙ୍କ ଚିକିତ୍ସା କରିବା ପାଇଁ ସୁଶୀଳ ଚେନ୍ନାଇ ଯାଇଥିଲେ। ୫ ଦିନ ତଳେ ରାସ୍ତା ପାର ହେବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ସେଠାରେ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଥିଲା। ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କର ସ୍ତ୍ରୀ, ଏକମାତ୍ର ପୁଅ ଓ ପିତାମାତା ଅଛନ୍ତି। ଜଣେ ବରିଷ୍ଠ ସାମ୍ବାଦିକ ଭାବେ ସେ ଏକ ସ୍ୱତନ୍ତ୍ର ଛାପ ଛାଡିଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବଲାଙ୍ଗୀରରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ଗୁରୁବାର ବଲାଙ୍ଗୀରରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି।

# ମେଗା ଲିଫ୍ଟ କେନାଲରୁ ଜଳସେଚନ ଦାବି

ଭବାନୀପାଟଣା/କୋକସରା, ୧୭।୧୧(ସ୍ୱ.ପ୍ର./ଡି.ଏନ.ଏ.)

ଇନ୍ଦ୍ରାବତୀ ଜଳଭଣ୍ଡାରରୁ ମେଗା ଲିଫ୍ଟ କେନାଲ ଜରିଆରେ କଳାହାଣ୍ଡି ଜିଲାର ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ଅଣଜଳସେଚିତ ଚାଷଜମିକୁ ଜଳସେଚନ ଆରମ୍ଭ ହୋଇଛି। ଏଥିରେ ଉପରୋକ୍ତ ୩ ବ୍ଲକର ୨୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିକୁ ଜଳସେଚିତ ହେଉଛି। ତେବେ ଦ୍ୱୀପ ତଳ ଅନ୍ଧାର ସଦୃଶ୍ୟ ନିଜ ଗାଁ ପାଖ ଦେଇ ମେଗା ଲିଫ୍ଟ କେନାଲ ଯାଇଥିଲେ ମଧ୍ୟ ଧର୍ମଗଡ଼ ବ୍ଲକର ୬ଟି ଗ୍ରାମ ବଡ଼ଘୁମର, ଅଁଏଲାଯୋର, ଇଚ୍ଛାପୁର, ବୋଡ଼େନ, ଖୁଟୁଲୁଗୁଡା, ରାବନଗୁଡା ଓ ଲଛିପୁର ଅଞ୍ଚଳର ୨୫ ଶହରୁ ୩ ହଜାର ହେକ୍ଟର ଚାଷଜମି ଅଣ ଜଳସେଚିତ ହୋଇ ରହିଛି। ଗୋଟିଏ ପଟେ ମେଗା ଲିଫ୍ଟ କେନାଲ ଓ ଅନ୍ୟ ପାଖରେ ଇନ୍ଦ୍ରାବତୀ ବାମ କେନାଲ ଥିବା ସତ୍ତ୍ୱେ ଏହି ୬ ଗ୍ରାମର ଚାଷଜମିକୁ ପାଣି ମାଡୁନାହିଁ। ପ୍ରତିବର୍ଷ ବର୍ଷା ଅଭାବରୁ ଏହି



ବିଭାଗୀୟ ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

ଅଞ୍ଚଳରେ ମରୁଡିରୁ ଋଣ ବୋଝ ଓ ଆର୍ଥିକ ସମସ୍ୟା ଦେଇ ଅଞ୍ଚଳର ହଜାର ହଜାର ଚାଷୀ ଗତି କରୁଛନ୍ତି। ବିଭିନ୍ନ ସମୟରେ ଜିଲା ପ୍ରଶାସନ ଓ ନେତାମନ୍ତ୍ରୀଙ୍କ ନିକଟରେ ସମସ୍ୟା ଉପସ୍ଥାପନ କରି ଆସୁଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା କୌଣସି ପ୍ରତିକାର ହୋଇନାହିଁ। ଏପରିସ୍ଥଳେ ମେଗା ଲିଫ୍ଟ କେନାଲ ଅଞ୍ଚଳର ଚାଷୀଙ୍କ ଦୁଃଖ ବୁଝିବ। ହେଲେ ତାହାବି ହେଲାନାହିଁ। କେବଳ ଧର୍ମଗଡ ବ୍ଲକ ଅଁଏଲାଜୋର ଗାଁ ମୁଣ୍ଡରେ ଆସି ଅଟକି ଯାଇଛି ମେଗା ଲିଫ୍ଟ କେନାଲ। ଏହି ପରିପ୍ରେକ୍ଷୀରେ ମେଗା ଲିଫ୍ଟରୁ ଜଳସେଚନ ସମ୍ପ୍ରସାରଣ କରିବା ଦାବି ନେଇ ବୁଧବାର ଏହି ୬ ଖଣ୍ଡ ଗାଁର ଶତାଧିକ ଚାଷୀ ଏକତ୍ରିତ ହୋଇ ଧର୍ମଗଡ଼ ବିଧାୟକ ମୌଷଧି ବାଗଙ୍କୁ ସାକ୍ଷାତ କରି ଘଟଣା ବିଷୟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ବିଧାୟକ ବାଗ ଚାଷୀଙ୍କ ସହ ଆଲୋଚନା କରି ଏହି ସମସ୍ୟା ବିଷୟରେ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜଳସେଚନ ପାଇଁ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ପରେ ଚାଷୀମାନେ କୁସୁମଖୁଣ୍ଟିସ୍ଥିତ ଉପର

**ବିଧାୟକ, ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କଲେ ଚାଷୀ**

ଇନ୍ଦ୍ରାବତୀ ମେଗା ପାୱାର ପ୍ରକଳ୍ପର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏଲଏଣ୍ଡଟି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସେମାନେ ଏ ବିଷୟରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ବିଭାଗୀୟ ଅଧିକାରୀ ଗୁରୁବାର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସର୍ଭେ କରିବା ସହ ରିପୋର୍ଟ ପ୍ରସ୍ତୁତ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏହି ସମୟରେ ସଚେତନ ଚାଷୀ ମଞ୍ଚ ସଭାପତି ଏକାଦଶୀ ଗୋପାଳ, ଯୁବଚାଷୀ ଲିଙ୍ଗରାଜ ବେହେରା, କଂଶ ଭଏଁସାଲ, ଲାଲଚନ ବେମାଲ, କାମେଶ୍ୱର ବାଗ, ବିପିନ ବିହାରୀ ନାଏକ, ଦେବେନ୍ଦ୍ର ଗୋପାଳ, ସୁବାସ ଚନ୍ଦ୍ର ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଡକାୟତି ଉଦ୍ୟମ ପଣ୍ଡ, ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ ଆହତ

କୋକସରା,୧୭।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଡୁଡୁକାଠେଙ୍ଗା ପଞ୍ଚାୟତ ବନ୍ଧପଡା ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ୮ରୁ ୧୦ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଚୋରି ଉଦ୍ଦେଶ୍ୟରେ ଆସି ବିଫଳ ହୋଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଭାଇ ୨ ଆହତ ହୋଇଛନ୍ତି। ସେମାନେ ହେଲେ ଘର ମାଲିକ ରାଜେଶ ଅଗ୍ରୱାଲ ଏବଂ ତାଙ୍କ ଭାଇ ନରେଶ। ରାଜେଶଙ୍କ ଘରେ ବିଳମ୍ବିତ ରାତିରେ ମୁଖାପିନ୍ଧା ଦୁର୍ବୃତ୍ତମାନେ ଡକାୟତି ଉଦ୍ଦେଶ୍ୟରେ ଘରେ ପଶିଥିଲେ। ସେହି ସମୟରେ ରାଜେଶ ଉଠିବାରୁ ତାଙ୍କୁ ଆକ୍ରମଣ କରିଥିଲେ। ରାଜେଶଙ୍କ ଚିତ୍କାର ଶୁଣି ପାଖ ଘରେ ଥିବା ବଡଭାଇ ନରେଶ ଆସିବାରୁ ତାଙ୍କୁ ମଧ୍ୟ ମୁଣ୍ଡ ଓ ମୁହଁରେ ଆକ୍ରମଣ କରିଥିଲେ। ଚୋରିରେ ବିଫଳ ହେବାରୁ ଦୁର୍ବୃତ୍ତମାନେ ଫେରାର ହୋଇଥିଲେ। ଏ ନେଇ ବୁଧବାର ସକାଳେ ନରେଶ ଆମପାଣି ଥାନାରେ ଅଭିଯୋଗ କରିଛନ୍ତି। ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ଚତୁର୍ଭୁଜ ନାଏକ ସୂଚନା ଦେଇଛନ୍ତି।

## ରତାଖଣ୍ଡି ସୁବଳ ହତ୍ୟା ଘଟଣା: ବାପା, ଭିଣୋଇ ଗିରଫ

କନ୍ଧମାଳ/ବାଉଁଶୁଣୀ, ୧୭।୧୧ (ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଲ ବ୍ଲକ ମନମୁଣ୍ଡା ଥାନା ଅନ୍ତର୍ଗତ ଗୋପାଳମାଲ ଗ୍ରାମ ପାଖ ଏକ ଚିକେନ ସେଣ୍ଟର ନିକଟରୁ ସୋମବାର ପୋଲିସ ରତାଖଣ୍ଡି ଗ୍ରାମର ସୁବଳ ତେଲେଙ୍ଗା(୩୫)ଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ମୃତକଙ୍କ ବାପା ଓ ଭିଣୋଇଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ମୃତ ସୁବଳଙ୍କ ସ୍ତ୍ରୀ ଆରତୀ(୨୨) ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲସ ଏକ ମାମଲା ରୁଜୁ କରି ସୁବଳଙ୍କ ବାପା ବନମାଳୀ ତେଲେଙ୍ଗା (୫୫) ଓ ଭଉଣୀ ଜ୍ୱାଇଁ ରାଜେନ୍ଦ୍ର କୁଡାଙ୍କୁ ଥାନାରେ ଅଟକ ରଖିଥିଲା। ଏହି ଘଟଣାର ତଦନ୍ତ କରିବା ପରେ ରବିବାର ସନ୍ଧ୍ୟାରେ ବାପା ବନମାଳୀ ଓ ଜ୍ୱାଇଁ ରାଜେନ୍ଦ୍ର ସୁବଳଙ୍କୁ ଘରୁ ଡାକି ନେଇ ହତ୍ୟା କରିଥିବା ପୋଲିସ ଜାଣି ପାରିଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାପା ବନମାଳୀ କୁଆଡେ ସୁବଳଙ୍କ ଶାଶୁଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିଲେ। ଏପରି କି ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ। ଏହା ଲୋକହସା କଥା ହୋଇଥିବାରୁ ସୁବଳ ଏହାକୁ ବିରୋଧ କରି ଆସୁଥିଲେ। ଫଳରେ ପୁଅକୁ ରାସ୍ତାରୁ ହଟାଇବା ନେଇ ଯୋଜନା କରିଥିଲେ।ଘଟଣାଦିନ ନିଜର ଜ୍ୱାଇଁ ରାଜେନ୍ଦ୍ରଙ୍କୁ ଡାକି ମଦ ପିଇବାକୁ କହି ସୁବଳ ସହ ବନମାଳୀ ଯାଇଥିଲେ। ସେଠାରେ ମଦ ପିଇବା ପରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବାପା ବନମାଳୀ ଏକ ଦାଢୀ କଟା ଖୁର ଦ୍ୱାରା ଜ୍ୱାଇଁ ସହିତ ମିଶି ସୁବଳଙ୍କୁ ହତ୍ୟା କରିଥିବା ନେଇ ପୋଲସ ଆଗରେ ସ୍ୱୀକାର କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ ହତ୍ୟା ଅଭିଯୋଗରେ ବାପା ବନମାଳୀ ଓ ଜ୍ୱାଇଁ ରାଜେନ୍ଦ୍ରଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି।

## ଅଦିନିଆ ବର୍ଷା ନେଇ ଚିନ୍ତାରେ ଚାଷୀ

ତୁଣ୍ଡଲା,୧୭।୧୧(ଡି.ଏନ.ଏ.)

ଚଳିତବର୍ଷର ଅସ୍ୱାଭାବିକ ବର୍ଷାରେ କ୍ଷତିଗ୍ରସ୍ତ ହୋଇ ଯାହା ବି ଧାନ ଓ ଅଣଧାନ ଫସଲ ବଞ୍ଚିଥିଲା ତାହା ଗତ ୩ ଦିନର ଲଗାଣ ବର୍ଷାରେ ଉଜୁଡ଼ିଯାଇଛି। ଏହାଦ୍ୱାରା ଋଣ ଶୁଝିବା ତ ଦୂରର କଥା ପରିବାର ପ୍ରତିପୋଷଣ ଚାଷୀଙ୍କ ପାଇଁ ସମ୍ଭବ ହେବନାହିଁ। ଏହାକୁ ନେଇ କେସିଙ୍ଗା ବ୍ଲକ ତୁଣ୍ଡଲା, ତୁର୍ଲାଖମାନ, ହାତୀଖୋଜ, ସିଁଜାପାଲି, ବେଲଖଣ୍ଡି ଆଦି ପଞ୍ଚାୟତର ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଚଳିତ ଖରିଫ ଚାଷ ଆରମ୍ଭରେ ବର୍ଷାଭାବରୁ ଚାଷୀ ବହୁତ ଅସୁବିଧା ଭୋଗିଥିଲେ। ରୁଆ ବେଉଷଣ କରି ନ ପାରି ଜମି ପଡ଼ିଆ ପକାଇଥିଲେ। ଆଉ କେତେକ ନିଜ ସାମର୍ଥ୍ୟରେ ପାଣିପମ୍ପ ଓ ଏଲଆଇ ପଏଣ୍ଟ ସାହାଯ୍ୟରେ ଜମିକୁ ପାଣି ମଡେଇ ଚାଷ କରିଛନ୍ତି। ବର୍ତ୍ତମାନ ଛୋଟ କିସମର କିଛି ଧାନ ଅମଳ ସମୟରେ ଏହି ଅଦିନିଆ ବର୍ଷା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଦୁଇ ଦିନ କୋହଲା ପାଗ ସାଙ୍ଗକୁ ବର୍ଷା ଯୋଗୁ କଟାଯାଇ ଥିବା ଧାନ ଓ ଖେତରେ ଥିବା ପାଚିଲା ଧାନ ଗଜା ହୋଇ ଯାଇଛି। ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ତୋଷାଳୀ ମହୋତ୍ସବ ଲୋଗୋ ଉନ୍ମୋଚିତ

ବଲାଙ୍ଗୀର ଅଫିସ, ୧୭।୧୧

ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିରଠାରେ ତୁଷୁରାଠାରେ ଆୟୋଜିତ ହେବାକୁ ଥିବା ତୋଷାଳୀ ମହୋତ୍ସବର ଲୋଗୋ ଉନ୍ମୋଚିତ ହୋଇଛି। ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ ଏହି ଲଗୋକୁ ଉନ୍ମୋଚନ କରିଥିଲେ। ଖ୍ରୀଷ୍ଟପୂର୍ବ ୨୦୦ରେ ରାଜା ଐର ଖାରବେଳ ଶାସନ ସମୟରେ ବଲାଙ୍ଗୀର ଜିଲାର ତୁଷୁରା ତୋଷାଳୀଗଡଭାବେ ପରିଚିତ ହେଉଥିଲା। ତୁଷୁରା ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର ପାଇଁ ତୋଷାଳୀ ମହୋତ୍ସବ କରିବା ପାଇଁ ଯୁବଗୋଷ୍ଠୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିଷ୍ପତ୍ତି ନେଇଛନ୍ତି। ବଲାଙ୍ଗୀରର ପାଟଣେଶ୍ୱରୀ ମନ୍ଦିର, ଟିଟିଲାଗଡର ଘଣ୍ଟଶୁଣି ମନ୍ଦିର, ପାଟଣାଗଡର ପାଟଣେଶ୍ୱରୀ ମନ୍ଦିର,



ତୋଷାଳୀ ମହୋତ୍ସବର ଲୋଗୋକୁ ପାଟଣେଶ୍ୱରୀ ମନ୍ଦିରରେ ଉନ୍ମୋଚନ କରାଯାଉଛି।

ତୁଷୁରାର ସମଲେଶ୍ୱରୀ ମନ୍ଦିର, ଗୁଡଭେଲାର ଜଗନ୍ନାଥ ମନ୍ଦିର, ସଇଁନ୍ତଳାର ଚଣ୍ଡି ମନ୍ଦିର, ଦେଓଗାଁର ଶିବ ମନ୍ଦିରରେ ତୋଷାଳୀ ମହୋତ୍ସବର ଲୋଗୋକୁ ଉନ୍ମୋଚନ କରାଯାଇଛି। ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିରଠାରେ ଲୋଗୋ ଉନ୍ମୋଚନ ସମୟରେ ଉପସଭାପତି ମୁନା ପଟ୍ଟନାୟକ, ୟୁଥ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ସଂଯୋଜକ ରିଲୁ ରଥ, ବିଙ୍ଗ ହ୍ୟୁମାନର ସୋମନାଥ ମିଶ୍ର, ପଶ୍ଚିମ ଓଡିଶା ଯୁବାମଞ୍ଚର ଅଭିଷେକ ଦାସ, ବୀରେନ୍ଦ୍ର ପାଣ୍ଡେ, ସ୍ୱେଚ୍ଛାସେବୀ ସଙ୍ଗଠନର ଗୋବିନ୍ଦ ଶତପଥୀ, ଲିଙ୍କନ ସେଠ, କବିର ବସ୍ତିଆ, ପର୍ବତାରୋହୀ ଅନିମେଶ ସାହୁ, ୟୁଥ ଆକ୍ସନ କମିଟିର ରବି ଖମାରୀ, ପ୍ରଶାନ୍ତ ନାୟକ, ପିଙ୍କୁ ବନଛୋର, ସଞ୍ଜୟ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ନିମ୍ବଗଛରୁ ଝୁଲନ୍ତା ମୃତଦେହ ଜବତ

ପଲମ,୧୭।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ସାଲିଙ୍ଗ ଗ୍ରାମ ଜମିରେ ଥିବା ନିମ୍ବ ଗଛରୁ ଏକ ଝୁଲନ୍ତା ମୃତଦେହ ବୁଧବାର ସକାଳେ ଜବତ କରାଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ଶରତ ସାହୁ (୫୫)। ମଙ୍ଗଳବାର ସନ୍ଧ୍ୟାରେ ପରିବାର ସମସ୍ତେ ଖାଇ ସାରିବା ପରେ ଶରତ ତାଙ୍କ ସ୍ତ୍ରୀଙ୍କ ସହ ମିଶି ଶୋଇବାକୁ ଯାଇଥିଲେ। ପ୍ରାୟ ୪ ଘଣ୍ଟା ପରେ ସ୍ତ୍ରୀ ବର୍ଣ୍ଣ ପଦାକୁ ବାହାରି ସମୟରେ ସ୍ୱାମୀ ନିଜ ବିଛଣାରେ ନ ଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। କିଛି ସମୟ ଯିବା ପରେ ପୋଡଶି ଲୋକେ ଆସି ଖୋଜାଖୋଜି କରିବାରୁ ଭୋରୁ ନିଜ ଜମିରେ ଥିବା ଏକ ନିମ୍ବ ଗଛରେ ବେକରେ ଦଉଡି ଲାଗି ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଠାବ କରିଥିଲେ। ପରେ ତାଙ୍କ ବାପା ବୁଧବାର ପଲମ ଫାଣ୍ଡିରେ ଅଭିଯୋଗ କରିଥିଲେ। ପଲମ ଫାଣ୍ଡି ଅଧିକାରୀ ତାଙ୍କ ଟିମ୍ ଏବଂ ସାଇଣ୍ଟିଫିକ ଟିମ ପହଞ୍ଚିବା ପରେ ମୃତଦେହ ତଳକୁ ଓହ୍ଲାଯାଇଥିଲା। କେସିଙ୍ଗା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କେସିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଜିଲାସ୍ତରୀୟ ଖୋଖୋ, କବାଡି ଚୟନ ଶିବିର

ମୁରିବାହାଲ,୧୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ବୁଧବାର ମୁରିବାହାଲ ବ୍ଲକ ହଲଦି ହାଇସ୍କୁଲ ଖେଳ ପଡ଼ିଆରେ ଜିଲାସ୍ତରୀୟ ଖୋଖୋ ଓ କବାଡି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଏମ୍ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ କ୍ରୀଡ଼ାବିତ ସୁନୀଲ ବିଶ୍ୱାଳ, ସାମାଜିକ କର୍ମୀ ଯୁଧିଷ୍ଠିର ଭରାସଗରିଆ, ଖେଳ ଶିକ୍ଷକ ପଦ୍ମଚରଣ ଦାସ, ବିଜୟ ବଂଶଲ, ବିରାଜ କୁମାର ମହାନ୍ତି ଉପସ୍ଥିତ ରହି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଆସନ୍ତା ୨୬ରୁ ୨୮ ତାରିଖ



ଅତିଥିଙ୍କ ସହ ଚୟନ ହୋଇଥିବା ଖେଳାଳିମାନେ।

ପର୍ଯ୍ୟନ୍ତ ସୁନ୍ଦରଗଡଠରେ ରାଜ୍ୟସ୍ତରୀୟ ସିନିୟର କବାଡି ଓ ଜୁନିୟର ବର୍ଗରେ ଭଞ୍ଜନଗର ଆସ୍କାରେ ହେବାକୁ ଥିବା ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ସେହିପରି ଆସନ୍ତା ୧୨ରୁ ୧୪ ପର୍ଯ୍ୟନ୍ତ ଅନୁଗୋଳରେ ହେବାକୁ ଥିବା ରାଜ୍ୟସ୍ତରୀୟ ଖୋଖୋ ପ୍ରୀତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ପର୍ଯ୍ୟବେକ୍ଷକଭାବେ ବଲାଙ୍ଗୀର ଜିଲା କ୍ରୀଡା ସାଂସଦ ସଭାପତି ଡା ଶ୍ରୀକାର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟ ପୂଝାରୀ ଯୋଗଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଡେଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ୧୮ଜଣ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। ଆଶୀର୍ବାଦ ସା, ଆଶିଷ ଦେବ ସା, ବିନୋଦ ମହାପାତ୍ର, ସୁଶାନ୍ତ ନାଗ, ହିମାଂଶୁ ସାହୁ, ଗୋପାଳ ଦୀପ, ଅଶ୍ୱିନୀ ଭୁକ୍ତା, ରାଜେଶ ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନାର ନେତୃତ୍ୱ ନେଇଥିଲେ।

## ହାଡ଼ିପାଗୁରୁ ମହାସମାଜର ବାର୍ଷିକ ଅଧିବେଶନ

ନୂଆପଡ଼ା ଅଫିସ,୧୭।୧୧

ନୂଆପଡା ଜିଲା କୋମନା ବ୍ଲକସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଡିଖାଲି ବଙ୍ଗଳାଠାରେ ହାଡ଼ିପାଗୁରୁ ମହାସମାଜର ବାର୍ଷିକ ଅଧିବେଶନ ଓ ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ ହୋଇଯାଇଛି। ବିଜୟ କୁମାର ସହିସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମହାଦେବ ପାତ୍ର ଯୋଗଦେଇଥିଲେ। ଆଇନଜୀବୀ ଶଙ୍କର ସୁନା, ସତ୍ୟ ଶଗରିଅ, ସୁରେନ୍ଦ୍ର କୁମାର, ଶୋଭା ସିନ୍ଧୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ବିକାଶ ଉପରେ ଆଲୋପାତ କରି ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବିଜୟ କୁମାର ସହିସଙ୍କୁ ଜିଲା ସଭାପତି ଏବଂ ସାଧାରଣ ସମ୍ପାଦକ ମୁଳଚନ ସୁନାନୀଙ୍କୁ ଚୟନ କରାଯାଇଥିଲା । ସେହିପରି ୫ଟି ବ୍ଲକରୁ ୫ଟି ସଭାପତି, ଉପସଭାପତ, ସମ୍ପାଦକ, ସହସମ୍ପାଦକ ଚୟନ କରାଯାଇଛି। ହାଡ଼ିପାଗୁରୁ ସମାଜରେ ୨୧ଜଣ ସଦସ୍ୟ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଥିବା ବେଳେ ୮ଜଣ ବରିଷ୍ଠ ସଦସ୍ୟଙ୍କୁ ଉପଦେଷ୍ଟା ମଣ୍ଡଳୀ ଚୟନ କରାଯାଇଛି। ଏହିକ୍ରମରେ ଶତାଧିକ ହାଡ଼ିପାଗୁରୁ ସଦସ୍ୟ ଉପସ୍ଥିତ ଥିଲେ।

## ବଲାଙ୍ଗୀରରେ ଆୟକର ଭବନର ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗୀର ଅଫିସ, ୧୭।୧୧

ବଲାଙ୍ଗୀର ସହରରେ ନୂଆ ଆୟକର ଭବନ ତିଆରି ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସମ୍ବଲପୁର ଆୟକର ବିଭାଗର ମୁଖ୍ୟ ଆୟକର କମିଶନର ବିଜୟାନନ୍ଦ ପୃଷେଟ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟକର ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପୂର୍ବରୁ ସେଠାରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଆୟକର କମିଶନର ପୃଷେଟ୍ କର୍ତ୍ତାଭାବେ ପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଯୁଗ୍ମ ଆୟକର କମିଶନର ପ୍ରତୀକ କୁମାର ମିଶ୍ର, ବଲାଙ୍ଗୀର ଆୟକର ଅଧିକାରୀ ସୁରଦୀପ ଚକ୍ରବର୍ତ୍ତୀ, ଆୟକର ଅଧିକାରୀ ସୁନୀଲ କୁମାର ପରିଡା, ହରେକୃଷ୍ଣ ଦାସ, ଶ୍ରୀକାନ୍ତ ବର୍ନୱାଲ, ସିଆର ପାତ୍ର ଯୋଗଦେଇଥିଲେ। ଜିଲା ଟ୍ୟାକ୍ସ ବାର ଆସୋସିଏଶନ୍ ସଭାପତି ବିଶ୍ୱଜିତ୍ ନାୟକ, ସମ୍ପାଦକ ଶାନ୍ତନୁ କୁମାର ଭୋଇ, କୋଷାଧକ୍ଷ ଗୋବର୍ଦ୍ଧନ ପଧାନ, ବରିଷ୍ଠ ଆଡଭୋକେଟ ନକୁଳ ଅଗ୍ରୱାଲ, ଅଶୋକ ଦାସ, ଗଣେଶ ଦୀକ୍ଷିତ, ମହେନ୍ଦ୍ର



ବଲାଙ୍ଗୀର ଆୟକର ଭବନ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଅଗ୍ରୱାଲ, ମାନସ ରଞ୍ଜନ ବହିଦାର, ଦୀପକ ଛାପଡିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡାଇରେକ୍ଟ ଟ୍ୟାକ୍ସ ବିବାଦ ସେ ବିଶ୍ୱାସ-୨୦୨୦ ସ୍କିମ୍ ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ଏହା ସହିତ ଆୟକର ନୀତି ଏବଂ ଏଦିଗରେ ଜନସଚେତନା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ମୁଖ୍ୟ ଆୟକର କମିଶନର ପୃଷେଟ୍ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବଲାଙ୍ଗୀରର ଆୟକର ଅଫିସ ଜରାଜୀର୍ଣ୍ଣ ହୋଇପଡିଥିବାରୁ ୨୦୧୬ ମସିହାରୁ ଏହା ଏକ ଭଡାଘରେ ଚାଲିଛି। ତେବେ ଆୟକର ପୁରୁଣା ଅଫିସକୁ ସମ୍ପୂର୍ଣ୍ଣ ଭଙ୍ଗାଯାଇ ଉକ୍ତ ସ୍ଥାନରେ ୪ କୋଟି ୫୫ ଲକ୍ଷ ଟଙ୍କାରେ ଏକ ନୂତନ ଆୟକର ଭବନ ତିଆରି କରାଯିବାକୁ ଅର୍ଥ ମଞ୍ଜୁର ହୋଇଛି। ଏହି ଆୟକର ଭବନର ଭିତ୍ତିପ୍ରସ୍ତର ବୁଧବାର ସ୍ଥାପନ କରାଯାଇଛି।

## ପ୍ରକାଶ ପାଇଲା ପ୍ରୋଭିଜନାଲ ଲିଷ୍ଟ

ଲୋଇସିଂହା,୧୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତିରେ ବିଳମ୍ବକୁ ନେଇ ଆବେଦନକାରୀ ଏବଂ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଗତ ନଭେମ୍ବର ୧୨ତାରିଖ ଧରିତ୍ରୀରେ ଯୋଗାଣ ସହାୟକ ନିଯୁକ୍ତିରେ ବିଳମ୍ବ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ବ୍ଲକ ପ୍ରଶାସନର ବିଜ୍ଞପ୍ତି ନଂ ୬୦୭୧/ତା ୧୬।୧୧।୨୧ରିଖରେ ଆବେଦନକାରୀଙ୍କ ପ୍ରୋଭିଜିନାଲ ଲିଷ୍ଟ ପ୍ରକାଶ ପାଇଛି। ଏଥିସହ ଆସନ୍ତା ୨୬ ତାରିଖ ସୁଦ୍ଧା ଆବେଦନକାରୀ ଆପତ୍ତି ଅଭିଯୋଗ କରି ପାରିବେ ବୋଲି ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି। ୨୦୧୭ରେ ପଞ୍ଚାୟତ ପୁର୍ନଗଠନ ବେଳେ ମାଗୁରବେଡା ପଞ୍ଚାୟତ ଗଠନ ହୋଇଥିଲା। ଇତି ମଧ୍ୟରେ ୫ବର୍ଷ ବିତିବାକୁ ବସିଥିଲେ ହେଁ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି ହୋଇନାହାନ୍ତି। ଗଡଶଙ୍କର ଡୁଙ୍ଗରିପାଲି ପଞ୍ଚାୟତ ଯୋଗାଣ ସହାୟକ ଅତିରିକ୍ତ

**ମାଗୁରବେଡା ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି ପ୍ରସଙ୍ଗ**

ଦାୟିତ୍ୱ ତୁଲାଉଛନ୍ତି। ପଞ୍ଚାୟତାବସୀ ପିଡିଏସ ସାମଗ୍ରୀ ଠିକଣା ସମୟରେ ପାଇବାରେ ସମସ୍ୟା ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏହାପରେ ବ୍ଲକ ପ୍ରଶାସନର ପକ୍ଷରୁ ଗତ ଜୁଲାଇ ୩୦ତାରିଖରେ ମାଗୁରବେଡା ପଞ୍ଚାୟତ ଯୋଗାଣ ସହାୟକ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । ହେଲେ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବକୁ ନେଇ ଆବେଦନକାରୀ ଏବଂ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷେ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ପଦବୀ ପାଇଁ ବିଜ୍ଞପ୍ତି ଏବଂ ପ୍ରଭିଜିନାଲ ଲିଷ୍ଟ ପ୍ରକାଶ ପାଇଥିଲା । ତାହା ମଧ୍ୟ ଏପର୍ଯ୍ୟନ୍ତ ଝୁଲି ରହିଥିବା ଅଭିଯୋଗ ହୋଇଛି । ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।